

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୪ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 December 2024

Vol.No. 35 ■ No.321 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜଧାନୀରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କଲେ ରାଷ୍ଟ୍ରପତି

## ଆଜି ଜଲୱା ଦେଖିବେ ମାଡାମ ପ୍ରେସିଡେଣ୍ଟ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଅଲଚିକ୍ ଭାଷାର ସ୍ରଷ୍ଟା ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ। ଆଜି ତାଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ଲୋକାର୍ପିତ ହୋଇଛି। ମହାମହୀମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିଛନ୍ତି। ଆନ୍ତକାଲି ମହାମହୀମ ଶ୍ରୀକ୍ଷେତ୍ର ଯିବେ। ଆଜି ଅପରାହ୍ନରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ରାଜ୍ୟପାଳ ରଘବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପରେ ମହାମହୀମ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାର ଯାଇଥିଲେ। ସେଠାରେ ପ୍ରେସିଡେଣ୍ଟ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ ନିଜ ସମ୍ପ୍ରଦାୟର ବୁଦ୍ଧିଜୀବୀ। ତା'ପରେ ରାଷ୍ଟ୍ରପତି 'ଜାହିରା' ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ରାଜ୍ୟପାଳ



ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପୂଜା କରିଥିଲେ। ପୂଜାର୍ଚ୍ଚନା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଲୋକାର୍ପଣ କରିଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ସମୟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ତା' ପରେ ରାଷ୍ଟ୍ରପତି ନିକଟସ୍ଥ ପାର୍କ ବୁଲି ଦେଖିଥିଲେ। ଆଉ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ କଥା ହୋଇଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ପରେ ରାଷ୍ଟ୍ରପତି ରାଜ ଭବନ ଅଭିମୁଖେ ଫେରିଛନ୍ତି।

▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ ପଦ ସସପେନ୍ସ ମଧ୍ୟରେ ଏକନାଥ ସିନ୍ଦେଙ୍କୁ ଭେଟିଲେ ଫଡ଼ନବିସ

ମୁମ୍ବାଇ, ୦୩/୧୨ : ମହାରାଷ୍ଟ୍ରର ଆଗାମୀ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଲାଗି ରହିଥିବା ସସପେନ୍ସ ମଧ୍ୟରେ କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଭେଟିଛନ୍ତି ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡଣବିସ। ମଙ୍ଗଳବାର ସିନ୍ଦେଙ୍କ ବର୍ଷା ବଙ୍ଗଳା ଯାଇ ଭେଟିଛନ୍ତି ଫଡଣବିସ। ସୂତ୍ର ମୁତାବକ ଦୁଇ ନେତାଙ୍କ ମଧ୍ୟରେ ସରକାର ଗଠନର ଫର୍ମୁଲା ଓ ଶପଥ ଗ୍ରହଣର ପ୍ରସ୍ତୁତି ଉପରେ ଆଲୋଚନା ହୋଇଛି। ଏହା ସହିତ ଫଡଣବିସ



ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଯୋଗୁଁ ସିନ୍ଦେ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ପ୍ରଥମ ଥର ତାଙ୍କୁ ଭେଟିଛନ୍ତି ଦେବେନ୍ଦ୍ର ଫଡ଼ଣବିସ। ସରକାରରେ ମନ୍ତ୍ରିମଣ୍ଡଳର ଫର୍ମୁଲାକୁ ▶▶ପୃଷ୍ଠା ୭

# ଜୟପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କର ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଜୟପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କର ବିପୁଳ ସମ୍ପତ୍ତି ଠାବ ହୋଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କର ୨ଟି ବହୁତଳ କୋଠା ଠାବ ହୋଇଛି । ଭୁବନେଶ୍ୱରରେ ୬ଟି ପ୍ଲଟ୍ ସମେତ ମୋଟ ୧୮ ପ୍ଲଟ୍ ମିଳିଛି । ୮୫୦ ଗ୍ରାମର ସୁନା ଠାବ, ବ୍ୟାଙ୍କ ଜମା ଓ ବୀମା ସଂପର୍କରେ ସ୍ପଷ୍ଟ ତଥ୍ୟ ମିଳିନି । ବିଶ୍ୱନାଥଙ୍କ ଘର ଓ ଅଫିସ ସମେତ



୬ଟି ସ୍ଥାନରେ ଭିଜିଲାନ୍ସ ରେଡ୍ କରୁଛି । ପୌରପାଳିକାର ଯନ୍ତ୍ରୀ ଦାୟିତ୍ୱରେ ମଧ୍ୟ ଅଛନ୍ତି ବିଶ୍ୱନାଥ।

# ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ନକଲି ନୋଟ୍ ସହିତ ଦିଲ୍ଲୀ ଯୁବକ ଗିରଫ

ମାଲଦା, ୦୩/୧୨: ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ଏବଂ କାଳିଆଚକ ପୋଲିସ ଷ୍ଟେସନ ବଳିଆଡଙ୍ଗା ଅଂଚଳରେ ମିଳିତ ଅପରେସନ କରି ୨ ଲକ୍ଷରୁ ଅଧିକ ମୂଲ୍ୟର ନକଲି ନୋଟ ଥିବା ଯୁବକଙ୍କୁ ଗିରଫ କରିଥିଲେ। ଗିରଫ ଯୁବକଙ୍କର ନାମ ହେଉଛି ଆକାଶ ସ୍ୱରୁପ (୨୫) । ସେ ଦିଲ୍ଲୀର ବାସିନ୍ଦା। ଅଭିଯୁକ୍ତଙ୍କୁ ମଙ୍ଗଳବାର ମାଲଦା ଜିଲ୍ଲା କୋର୍ଟରେ ହାଜର କରାଯାଇ ରିମାଣ୍ଡରେ ନିଆଯାଇଥିଲା। ଏସଟିଏଫରୁ କାଳିଆଚକ ପୋଲିସ ଷ୍ଟେସନ ଜାଣିବାକୁ ପାଇଲା ଯେ ଜଣେ ଯୁବକ ଭାରତ-ବାଂଲାଦେଶ ସୀମା ଅଂଚଳରୁ ନକଲି ନୋଟ୍ ସଂଗ୍ରହ କରିବା ପରେ ଦିଲ୍ଲୀ ଯାଉଛନ୍ତି। ସୂଚନା ପାଇବା ପରେ ଏସଟିଏଫ ସୋମବାର ଦିନ କାଳିଆଚକ ପୋଲିସ ଷ୍ଟେସନ ସହ ମିଳିତ ଅପରେସନ କରି ବାଲିଆଡଙ୍ଗା ଅଂଚଳର ଯୁବକଙ୍କୁ ଧରିଥିଲା। ତାଙ୍କ ସହ ଥିବା ବ୍ୟାଗଟି ଯାଁଚ କରିବା ପରେ ୫୦୦ ଟଙ୍କା ମୂଲ୍ୟର ୪୦୦ ଟି ନକଲି ଜବତ କରାଯାଇଥିଲା। ଏହା ପରେ ଯୁବକଙ୍କୁ ଗିରଫ କରାଯାଇଥିଲା।

# ଆନ୍ଦୋଳନରୁ ଓହରିଲେ ବ୍ୟବସାୟୀ: ଓଡ଼ିଶାକୁ କେବେ ଆସିବ ଆଳୁ ?



ପଶ୍ଚିମବଙ୍ଗ, ୦୩/୧୨ (ନି.ପ୍ର): ଆନ୍ଦୋଳନରୁ ଓହରିଲେ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ। କୃଷି ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ହଟିଲେ। ଶୀତଳଭଣ୍ଡାର କର୍ମଚାରୀ ମଧ୍ୟ ଆନ୍ଦୋଳନରୁ ଓହରିଲେ। ଆସନ୍ତାକାଲିଠୁ ଶୀତଳ ଭଣ୍ଡାରରୁ ପୂର୍ବପରି ଆଳୁ ବାହାରକୁ ଆସିବ ବୋଲି ସମ୍ଭାବନା କରାଯାଉଛି। ହୋଲସେଲ୍ ଓ ରିଟେଲ ମାର୍କେଟକୁ ଆଳୁ ପଠାଯିବ। ଯେପରି ଆଳୁ ଅନ୍ୟ ସ୍ଥାନକୁ ଯାଉଥିଲା ତାହା ପୂର୍ବପରି ଚାଲିବ ବୋଲି ଜଣାପଡ଼ିଛି। ହେଲେ ଓଡ଼ିଶାକୁ କେବେ ଆଳୁ ଆସିବ, ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡ଼ି ନାହିଁ। ପଶ୍ଚିମବଙ୍ଗ ସରକାର ରାଜ୍ୟ ବାହାରକୁ ଆଳୁ ଚାଲାଣ ଉପରେ ରୋକ୍ ଲଗାଇଥିଲେ। ଏହାର ପ୍ରତିବାଦରେ ଶୀତଳ ଭଣ୍ଡାର ଆଳୁ ବ୍ୟବସାୟୀ ଓ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଆଳୁ ▶▶ପୃଷ୍ଠା ୭

# ୭୩% ବିଧାୟକ କୋଟିପତି: ତଥାପି ନିଜ ଦରମା ବଢ଼ାଇବାକୁ ପୁଣି କଲେ ଦାବି, ବାଚସ୍ପତି ଗଢ଼ିଲେ କମିଟି

ଭୁବନେଶ୍ୱର, ୦୩/୧୨ (ନି.ପ୍ର): କିଛିମାସର ବ୍ୟବଧାନ ପରେ ପୁଣି ନିଜ ଦରମା ବୃଦ୍ଧି ଦାବି କଲେ ସବୁ ଦଳର ବିଧାୟକ । ଆଉ ବାଚସ୍ପତି ସେମାନଙ୍କ ଦାବିକୁ ବିଚାରକୁ ନେଇ ଉପଦେଷ୍ଟା କମିଟି ଘୋଷଣା କରିବା ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଚଳିତ ନବନିର୍ବାଚିତ ସପ୍ତଦଶ ବିଧାନସଭାରେ ୭୩% କୋଟିପତି ବିଧାୟକ ଥିବାବେଳେ ସେମାନେ



ନିୟମିତ ବ୍ୟବଧାନରେ ବାରମ୍ବାର ନିଜର ଦରମା ବୃଦ୍ଧି ଦାବି କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଗତ ଜୁନ୍ ମାସରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଜି ବିଧାନସଭାରେ ବିଧାୟକମାନେ ଏକଜୁଟ ହୋଇ ନିଜର ଦରମା ଓ ଭତ୍ତା ବୃଦ୍ଧି ପାଇଁ ଦାବି କରିଛନ୍ତି । ଆଉ ବିଧାୟକମାନଙ୍କ ଦାବି ଆଧାରରେ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନରେ ବରିଷ୍ଠ ବିଧାୟକ ଭାସ୍କର ମଢ଼େଇଙ୍କ ଅଧକ୍ଷତାରେ ଉପଦେଷ୍ଟା କମିଟି ଗଠନ କରିଛନ୍ତି । ଏହି କମିଟି ବିଧାୟକମାନଙ୍କ ଦରମା ଓ ଭତ୍ତା, ପୂର୍ବତନ ବିଧାୟକମାନଙ୍କ ପେନସନ୍ ବୃଦ୍ଧି ନେଇ ତା'ର ରିପୋର୍ଟ ଦେବ । ତେବେ ଚଳିତ ବିଧାନସଭାରେ ମୋଟ ୧୪୭ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ଜଣ(୭୩%) ଧନୀ ଓ କୋଟିପତି ବୋଲି ନିଜେ ସ୍ୱୀକାର କରିଥିବାବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସେମାନଙ୍କ ଏହି ଦରମା ବୃଦ୍ଧି ଦାବିର ଯଥାର୍ଥତାକୁ ▶▶ପୃଷ୍ଠା ୭

# ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ମଞ୍ଜୁର

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ଟଙ୍କା ମଞ୍ଜୁର। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସୋଶାଲ ମିଡ଼ିଆ ଏକ୍ସରେ କୃତଜ୍ଞତା ଜଣାଇବା ସହ ବିସ୍ତୃତ ସୂଚନା ଦେଇଛନ୍ତି ରେଳ ମନ୍ତ୍ରୀ। ଓଡ଼ିଶାରେ ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର ମିଳିଛି। ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ତିନିଟି ରେଳ ମଣ୍ଡଳ ରହିବ। ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଛି। ମୋଦି ୩.୦ ସମୟରେ ▶▶ପୃଷ୍ଠା ୭





# ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଲେ ଏକତା କପୁର

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କଲେ ଏକତା କପୁର । ବିଧାନସଭାରେ ପହଂଚି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି 'ଦ ସାବରମତୀ ରିପୋର୍ଟ'ର ପ୍ରଯୋଜିକା ଏକତା କପୁର । ସାବରମତୀ ରିପୋର୍ଟ ଫିଲ୍ମ ଉପରୁ ସରକାର ଟିକସ ଛାଡ଼ କରିଥିବାରୁ ଧନ୍ୟବାଦ ଦେଇଛନ୍ତି ଏକତା ।

# ଭାରତ-ଚାଇନା ସମ୍ପର୍କକୁ ନେଇ ଲୋକସଭାରେ ବଡ଼ ବୟାନ ଦେଲେ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୦୨/୧୨ : ଏଲଏସିରେ ଦୀର୍ଘ ଦିନ ଧରି ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ନିକଟରେ ଦୁଇଟି ପଏଣ୍ଟରେ ସେନା ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ସେହିପରି ଦୁଇ ଦେଶ ପରସ୍ପର ସହ ଆଲୋଚନା କରି ବିବାଦୀୟ ସ୍ଥଳରେ ପ୍ୟାଟ୍ରୋଲିଂ ମଧ୍ୟ କରୁଛନ୍ତି। ଏସବୁ ଭିତରେ ପ୍ରଥମଥର ପାଇଁ ଶୀତ ଅଧିବେଶନରେ ଭାରତ-ଚାଇନା ସମ୍ପର୍କକୁ ନେଇ ଲୋକସଭାରେ ବିବୃତି ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର।



ଚାଇନା ସହ ନିରପେକ୍ଷ ଓ ଉଭୟ ଦେଶକୁ ଗ୍ରହଣୀୟ ହେଉଥିବା ଭଳି ପଦକ୍ଷେପ ନେବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଜୟଶଙ୍କର ଗୃହକୁ ଅବଗତ କରାଇଛନ୍ତି। ସେ କହିଛନ୍ତି, " ନିୟମିତ କୂଟନୀତିକ ଆଲୋଚନା ଯୋଗୁ ଭାରତ-ଚାଇନା ସମ୍ପର୍କ ଉନ୍ନତି ଦିଗରରେ ଗତି କରୁଥିବା ନିକଟରେ ସୀମାରେ ନିଆଯାଇଥିବା ପଦକ୍ଷେପରୁ ସ୍ପଷ୍ଟ ହୋଇଛି।" ବୈଦେଶିକ ମନ୍ତ୍ରୀଙ୍କ କହିବା କଥା ଯେ ୨୦୨୦ ପରଠାରୁ ଭାରତ-ଚାଇନା ସମ୍ପର୍କ ସ୍ୱାଭାବିକ ନଥିଲା। ସୀମାରେ ଥିବା ଶାନ୍ତି ଓ ସ୍ଥିରତା ଚାଇନା ନେଇଥିବା ପଦକ୍ଷେପ ଯୋଗୁ ବିଗିଡ଼ି ଯାଇଥିଲା। ଶାନ୍ତି ଓ ସ୍ଥିରତା ଉପରେ ହିଁ ଭାରତ-ଚାଇନାର ସମ୍ପର୍କ ସେତୁ ନିର୍ଭର କରୁଛି। ଆମ ସମ୍ପର୍କ ଅନେକ କ୍ଷେତ୍ରରେ ଆଗକୁ ଯାଇଛି। କିନ୍ତୁ ନିକଟରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା। ଆମେ ସ୍ପଷ୍ଟ ଭାବେ କହି ସାରିଛୁ ଯେ ସୀମାରେ ଶାନ୍ତି ଓ ସ୍ଥିରତା ହିଁ ଦୁଇ ଦେଶର ସମ୍ପର୍କର ଭାଗ୍ୟ ନିର୍ଦ୍ଧାରଣ କରିବ। ଆଗାମୀ ଦିନରେ ଆମେ ସୀମାନ୍ତ ଅଞ୍ଚଳରେ ଉଭୟ ସେନା ପ୍ରତ୍ୟାହାର ଓ ପ୍ରଭାବୀ ବ୍ୟବସ୍ଥିତ କାର୍ଯ୍ୟକଳାପ ଉପରେ ମଧ୍ୟ ଆଲୋଚନା କରିବୁ। ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ହୋଇଥିବାରୁ ଆମେ ଏବେ ଆମର ଜାତୀୟ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେଇ ଅନ୍ୟ ଦିଗ ଗୁଡ଼ିକ ଉପରେ ଆଲୋଚନା କରିବାକୁ ସୁଯୋଗ ପାଇଛୁ। ଲଜିଷ୍ଟିକ ସମସ୍ୟା ଓ କୋଭିଡ ସତ୍ତ୍ୱେ ଆମ ସୁରକ୍ଷାକର୍ମୀମାନେ ଚାଇନିଜ ଟ୍ରୁପ୍ସକୁ ଦୀର୍ଘଦିନ ଯାଏ ମୁକାବିଲା କରିଥିଲେ। ତେଣୁ ଏବେ କାର ପରିସ୍ଥିତି ପାଇଁ ସବୁ ଶ୍ରେୟ ଆମ ସୁରକ୍ଷାକର୍ମୀଙ୍କ ପାଖକୁ ଯାଉଛି ବୋଲି ଜୟଶଙ୍କର କହିଛନ୍ତି।

# ମଲେଇ ଖାଇ ଠିକାଦାର ପାର: ମେଗା ପାନୀୟ ଜଳ ପ୍ରୋଜେକ୍ଟରେ ମେଗା ସ୍କାମ୍

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ପାନୀୟ ଜଳ ମେଗା ପ୍ରୋଜେକ୍ଟରେ ମେଗା ସ୍କାମ୍ । ମଲାଇ ଖାଇ ଠିକାଦାର ଛୁ' । ପଦାରେ ପଡ଼ିଲା ବିଜେଡି ସରକାରର ଦୁର୍ନୀତି । ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଆଜି ବିଧାନସଭାରେ ମନ୍ତ୍ରୀ ରବି ନାଏକ କହିବା ପରେ ତାଙ୍କୁ ସମର୍ଥନ କରି ଛୁଙ୍କ ମାରିଛନ୍ତି ବରିଷ୍ଠ ବିଜେଡି ବିଧାୟକ ବଦ୍ରି ପାତ୍ର । ମଲେଇ ଖାଇ ଠିକାଦାର ପାର । ପିଇବା ପାଣି ମୁନ୍ଦେ ପାଇଁ ଜନତା ହନ୍ତସନ୍ତ । ପ୍ରଶ୍ନକାଳରେ



ପାନୀୟ ଜଳ ଯୋଗାଣ ତାତି । ବିଧାନସଭାରେ ପୂର୍ବ ବିଜେଡି ସରକାରର ଗୁମର ଖୋଲିଲେ ପଂଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାଏକ । ବିଜେଡି ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରଶ୍ନରେ ଆଜି ଏମିତି ଉତ୍ତର ରଖିଛନ୍ତି ମନ୍ତ୍ରୀ । ▶▶ପୃଷ୍ଠା ୭

# ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନ କିଣା ଆରମ୍ଭ

ବଲାଙ୍ଗିର, ୦୩/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଖରିଫ ୨୦୨୪-୨୫ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତି ଅନୁସାରେ ଆଜି ଠାରୁ ଖରିଫ ଧାନ କିଣା ଆରମ୍ଭ କରାଯାଇଛି । ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶୀଓ୍ୱାଜୀ ଈସାଲଓ୍ୱାର ଆଜି ଆରଏମସି ପାଟଣାଗଡ ର ମଣ୍ଡଳ ମାର୍କେଟ ୟାର୍ଡ ରେ ଧାନ କିଣା ର ଶୁଭାରମ୍ଭ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଆଜିଠାରୁ ପର୍ଯ୍ୟାୟକ୍ରମେ ୯୫,୦୮୭ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୭୬ ଗୋଟି ମଣ୍ଡି ମାଧ୍ୟମରେ (୧୫୮ ପେକ୍ସ ଏବଂ ୧୮ ଏସଏଚଜି ) ୩୪,୦୯,୦୭୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି । ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ । ଆଜିର ଧାନ କିଣା ଶୁଭାରମ୍ଭ କାର୍ଯ୍ୟକ୍ରମ ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସମବାୟ ସମିତି ଉପ ନିବନ୍ଧକ ପ୍ରମୋଦ ବରିହା ଙ୍କ ସମେତ ସମବାୟ ,ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ ) ର ଅଧିକାରୀ ଓ କର୍ମଚାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଓ କୃଷି ଓ କୃଷକ ସଶକ୍ତକରଣ ବିଭାଗର ସହଭାଗିତାରେ ବିଜ୍ଞାନ ଭିତ୍ତିକ ଧାନ ଗବେଷଣା ସମ୍ବନ୍ଧୀୟ ଆଲୋଚନା ଚକ୍ର

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଆଜି କୃଷି ଭବନ ପ୍ରେକ୍ଷାଳୟରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ରରେ ଫିଲିପାଇନ୍ସ, ମାନିଲା ସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନର ମହାନିର୍ଦ୍ଦେଶିକା ଡଃ ୟୋଭୋନ ପିଣ୍ଟୋ ଧାନ ଗବେଷଣା କ୍ଷେତ୍ରରେ ନୂତନ ଦିଗ ଉପରେ ଆଲୋକପାତ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢୀ, ଶ୍ରୀମତୀ ପିଣ୍ଟୋଙ୍କୁ ସ୍ୱାଗତ କରିବା ସହ ଏହି ଆଲୋଚନା ଚକ୍ରର ଆଭିମୁଖ ସମ୍ପର୍କରେ ଆଲୋକପାତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଓଡିଶାରେ ଧାନ ଚାଷର ଉତ୍ପତ୍ତି ଏବଂ ଆମ ସଂସ୍କୃତି ସହ ଧାନ ଚାଷର ସମ୍ପର୍କକୁ ବାଖ୍ୟା କରିଥିଲେ । କୋରାପୁଟ ଅଂଚଳରେ ଧାନର ବିଭିନ୍ନ ପାରମ୍ପରିକ ପ୍ରଜାତିର ଉପସ୍ଥିତି କିପରି ବିଶ୍ୱ ଧାନ ଚାଷ ମାନଚିତ୍ରରେ ଓଡିଶାକୁ ଗର୍ବିତ କରୁଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ । ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଓଡିଶାରେ ଏହି ଅନୁଷ୍ଠାନର ଏକ ଗବେଷଣା ଶାଖା ଖୋଲିବାକୁ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଡଃ ପିଣ୍ଟୋ ଓଡିଶା ସରକାରଙ୍କ ସହଯୋଗ ଓ ସହଭାଗିତାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଧାନ ଚାଷ ସହ ଜଡିତ ଅନେକ ସମସ୍ୟାକୁ ଓଡିଶା ଜଳବାୟୁରେ ଗବେଷଣା କରି ତାର ସମାଧାନ ନିର୍ଦ୍ଧାରଣ ଦିଗରେ ପଦକ୍ଷପ ମାନ ନେଇ ପାରୁଥିବାରୁ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ । ଧାନ ଗବେଷଣା କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନ ସମସ୍ୟା, ପୁଷ୍ଟିକର ଧାନ ପ୍ରଜାତିର ବିକାଶ, ଧାନର ନୂତନ ପ୍ରଜାତିର ସୃଷ୍ଟି ଏବଂ ଧାନର ମୂଲ୍ୟଶୃଙ୍ଖଳର ସୃଷ୍ଟି ସହ ରପ୍ତାନି ଭିତ୍ତିକ ବଜାର ସୃଷ୍ଟି କରି ଧାନ ଚାଷ କ୍ଷେତ୍ରରେ ଓଡିଶାକୁ ଆଗେଇ ନେବାକୁ ପ୍ରତିଶୃତି ଦେଇଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ କହିଥିଲେ ଯେ, ଆମ ରାଜ୍ୟ ବିଜ୍ଞାନ ଭିତ୍ତିକ କୃଷି ରୂପାନ୍ତରରେ ବିଶ୍ୱାସ କରି ଧାନ ଚାଷ ମାଧ୍ୟମରେ ରାଜ୍ୟରୁ କ୍ଷୁଧା, ଦାରିଦ୍ର୍ୟ ଓ କୁପୋଷଣକୁ ଦୂର କରିବା ସହ ଧାନ ଚାଷ ନିମନ୍ତେ ଏକ ସହନଶୀଳ କୃଷି ପରିସଂସ୍ଥାନ ସୃଷ୍ଟି କରିବାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ଆଲୋଚନା ଚକ୍ରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଓ ବୈଷୟିକ ଅଧିକାରୀ, ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ଡିନ ଏବଂ ବୈଜ୍ଞାନିକ ଗଣ ଓ ମିଡିଆ ପ୍ରତିନିଧି ଗଣ ଯୋଗ ଦେଇଥିଲେ । ପରିଶେଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁନର୍ବାସ ସୃଜନ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୩/୧୨ (ନି.ପ୍ର): ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସାମାଜିକ ପୁନଃପ୍ରତିଷ୍ଠା ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମାଧପୁରସ୍ଥିତ ଅମର ଉଦ୍ୟାନ ପରିସରରେ 'ପୁନର୍ବାସ ସୃଜନ ସମ୍ମାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ଅତିଥି ନିମନ୍ତ୍ରଣ କରିଥିଲେ। କେମ୍ବ୍ରିଜ ସଭାପତି ଅକ୍ଷୟ କୁମାର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେବାସହ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାପରେ ବିରଜା ରାଉତରାୟଙ୍କ ୫ମ କବିତା ସଂକଳନ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ପାଠକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଭିନ୍ନକ୍ଷମଙ୍କୁ କେବେ ବି ଦୟାର ପାତ୍ର ନଭାବି କିମ୍ବା ସ୍ୱତନ୍ତ୍ର ଗୋଷ୍ଠୀ ବୋଲି ନଭାବି ତାଙ୍କ ସକ୍ଷମତାକୁ ଚାହିଁ ସେମାନଙ୍କୁ ମୂଲ୍ୟାଙ୍କନ କରନ୍ତୁ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଲୋକାର୍ପିତ ହୋଇଥିବା କବିତା ପୁସ୍ତକର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ କଥାକାର ଡ. ରାମଚନ୍ଦ୍ର ବେହେରା ଯୋଗଦେଇ ସମସ୍ତେ କିଛି ନା କିଛି କ୍ଷେତ୍ରରେ ଭିନ୍ନକ୍ଷମ ଅଟନ୍ତି ବୋଲି କହିଥିଲେ ଓ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପ୍ରଶଂସା କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କବୟିତ୍ରୀ ପ୍ରତିଭା ପରିଡ଼ା ଓ ବରିଷ୍ଠ ପ୍ରାବନ୍ଧିକ ଗୌରାଙ୍ଗ ସାହୁଙ୍କୁ ପୁନର୍ବାସ ସୃଜନ ସମ୍ମାନ ଏବଂ ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଥିବା ଦୃଷ୍ଟିବାଧିତ କଣ୍ଠଶିଳ୍ପୀ ରଞ୍ଜିତ ରଞ୍ଜନ ନାୟକଙ୍କୁ 'ସଙ୍ଗୀତଶ୍ରୀ ସମ୍ମାନ', ଚଳନ ଶକ୍ତି ବାଧିତ ପ୍ରଶାନ୍ତ ନାୟକଙ୍କୁ 'କ୍ରୀଡ଼ାଶ୍ରୀ ସମ୍ମାନ' ଏବଂ ଦୃଷ୍ଟି ବାଧିତ ଗୋଲୁ ତିରୁପତି ରେଡ଼ିଙ୍କୁ 'ଯୁବଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଭୟ ଭିନ୍ନକ୍ଷମ ଓ ସକ୍ଷମ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୁକ୍ତାକାଶ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭ୍ୟ ସଂଗ୍ରାମ ଚୌଧୁରୀ, ଜ୍ୟୋତିରଞ୍ଜନ ନାୟକ, ଗୁଞ୍ଜନସ୍ମିତା ବେହେରା, ରଚିତା ଜେନା, ସଂଜୀବ କୁମାର ବେହେରା, ମହମ୍ମଦ ଜାହିଦ ଖାଁ, ଅମରିନ ସାହାଦତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେବାନିଯୁକ୍ତ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବର୍ତ୍ତମାନର ଯୁଗ ହେଉଛି ଟେକ୍‌ନୋଲୋଜିର ଯୁଗ । ଟେକ୍‌ନୋଲୋଜିକୁ ବ୍ୟବହାର କରି ବହୁ ଅସାଧ କାର୍ଯ୍ୟକୁ ସହଜ ଓ ସରଳ ଢଙ୍ଗରେ ସମ୍ପୂର୍ଣ୍ଣ କରିହେଉଛି । ଇଂଜିନିୟରମାନେ ହେଉଛନ୍ତି ଆଧୁନିକ ଯୁଗର ବିଶ୍ୱକର୍ମା । ତେଣୁ ବର୍ତ୍ତମାନ ଯୁଗର ବିଶ୍ୱକର୍ମାମାନେ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ଆଗେଇ ନିଅନ୍ତୁ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କ ନିମନ୍ତେ ନୂତନ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଓଡ଼ିଶାର ପ୍ରଗତିକୁ ତ୍ୱରିତ ଢଙ୍ଗରେ ଆଗେଇ ନେବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ । ରାଜ୍ୟ ସରକାରଙ୍କ ଏହି ଲକ୍ଷ୍ୟ ପୂରଣ ଦିଗରେ ଇଂଜିନିୟରମାନେ ଜଣେ ଜଣେ ପ୍ରମୁଖ ଅଂଶୀଦାର । ଆବଶ୍ୟକତାକୁ ଚାହିଁ ନକ୍ସା ପ୍ରସ୍ତୁତ ସହ ନିର୍ମାଣର ସ୍ଥାୟିତ୍ୱ ବୃଦ୍ଧି ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଜ୍ଞାନକୌଶଳର ଭରପୂର ଉପଯୋଗ ପାଇଁ ତାଲିମ ଶିବିରରୁ ଶିକ୍ଷା ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୁବ ଇଂଜିନିୟରମାନଙ୍କୁ ପରାମର୍ଶ ଦେଇଥିଲେ । ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ କହିଲେ ଯେ ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ କାର୍ଯ୍ୟର ପରିସର ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ନିୟମିତ କ୍ଷେତ୍ର ପରିଦର୍ଶନ ସହ ଆବଶ୍ୟକତା ଅନୁସାରେ ଡି.ପି.ଆର୍ ପ୍ରସ୍ତୁତି ଉପରେ ଇଂଜିନିୟରମାନେ ଧ୍ୟାନ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ପ୍ରଶିକ୍ଷଣ ଶିବିରରୁ ଜ୍ଞାନ ଆହରଣ କରିବା ସହ ନିର୍ମାଣ କାର୍ଯ୍ୟକୁ ସରସସୁନ୍ଦର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ପ୍ରଶିକ୍ଷାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଆଇସି(ସିଭିଲ) ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଇଆଇସି (ୱାର୍କସ) ଶ୍ରୀ ପ୍ରଦୀପ କୁମାର ଜେନା, ଓବିସିସି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସମୀର ହୋତା ଏବଂ ପୂର୍ତ୍ତ ବିଭାଗ ଯୁଗ୍ମଉପଦେଷ୍ଟା ଶ୍ରୀ ଜୟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗର ୪୨ ଜଣ ଇଂଜିନିୟର ଯୋଗଦେଇଥିଲେ ।

# ଗାଇବାହାଲ ଧାନ କିଣା ମଣ୍ଡି ଶୁଭାରମ୍ଭ କଲେ ନରସିଂହ

ବଲାଙ୍ଗିର, ୦୩/୧୨ (ନି.ପ୍ର): ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ପଂଚାୟତର ଗାଇବାହାଲ ଠାରେ ସ୍ଥାନୀୟ ସାବିତ୍ରୀ ବାଇ ଫୁଲେ ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ପରିଚାଳିତ ଧାନକିଣା କେନ୍ଦ୍ର ର ଶୁଭାରମ୍ଭ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଅଛି । ଯଦିଓ ସରକାର ୨ ତାରିଖରୁ ସବୁ ଆଡେ ଧାନକିଣା ଆରମ୍ଭ ହେବାର ଘୋଷଣା କରିଥିଲେ କିନ୍ତୁ ଆଜି କେବଳ ଔପଚାରିକ ଭାବେ ସମସ୍ତ ଧାନକିଣା କେନ୍ଦ୍ର ଗୁଡିକର ଶୁଭାରମ୍ଭ ହୋଇଛି । ଏ ଅବସରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି ଯେ ସରକାରଙ୍କ ଘୋଷଣା ମୁତାବକ ପ୍ରତ୍ୟେକ ଧାନ କିଣା କେନ୍ଦ୍ରରେ ଏଫ୍‌ଏକ୍ୟୁ ମେସିନ ରହିବା ଜରୁରୀ କାରଣ ଅଣ ଏଫ୍‌ଏକ୍ୟୁ କୁ ଏହି ମେସିନ ସାହାଯ୍ୟରେ ଏଫ୍‌ଏକ୍ୟୁ କରିସାରିବା ପରେ ମଣ୍ଡିରେ ଧାନକିଣା ହେବ ଏବଂ ଚାଷୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବ । ତେଣୁ ଉପସ୍ଥିତ ଥିବା ଧାନକିଣା ସମ୍ବନ୍ଧୀୟ ଅଧିକାରୀମାନେ ପ୍ରଥମେ ଧାନ କିଣିବା ପାଇଁ ଦରକାର ହେଉଥିବା ପ୍ରତ୍ୟେକ ମେସିନ ଯେପରି ଧାନ କିଣା କେନ୍ଦ୍ରରେ ରହିବ ତାହା ସୁନିଶ୍ଚିତ କରନ୍ତୁ । ୨ ତାରିଖ ଧାନ କିଣିବା ପାଇଁ ଘୋଷଣା ହୋଇଥିଲେ ହେଁ ବିଡମ୍ବନା ର ବିଷୟ ଯେ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ପାଇଁ ଟୋକନ ପ୍ରଦାନ କରାଯାଇନାହିଁ । ଏପରି କି ଧାନ ଉଠାଇବାକୁ ଥିବା ମିଲର୍ସମାନଙ୍କୁ ମଧ୍ୟ ଟାର୍ଗେଟ ଦିଆଯାଇନଥିବା ସୂଚନା ଅଛି । ତେଣୁ ନିଶ୍ଚିତ ଭାବରେ ସରକାରଙ୍କୁ ଅନୁରୋଧ କରିବି ସରକାର ଯଦି ପ୍ରକୃତରେ ଚାଷୀଙ୍କ ହିତ ଚାହୁଁଛନ୍ତି ତେବେ ଆନ୍ତରିକତାର ସହ ସଠିକ ଧାନକିଣା ପ୍ରକ୍ରିୟା ଜାରି ରଖିବାକୁ ଦରକାର ହେଉଥିବା ସମସ୍ତ ବ୍ୟବସ୍ଥା କୁ ପ୍ରଥମେ ସୁନିଶ୍ଚିତ କରନ୍ତୁ । ତାହା ହେଲେ ହିଁ ଚାଷି ପାଇଁ ଘୋଷଣା ହୋଇଥିବା ସର୍ବନିମ୍ନ ସହାୟକ ମୁଲ୍ୟ ଏବଂ ବୋନସ ରାଶି ଚାଷୀମାନେ ଠିକ୍ ଠିକ୍ ପାଇପାରିବେ ବୋଲି ଶ୍ରୀ ମିଶ୍ର କହିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଏହି ଧାନକିଣା କେନ୍ଦ୍ରରେ ଗତ ବର୍ଷର ଧାନକିଣା କମିଶନ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ ବୋଲି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠିମାନେ ଅଭିଯୋଗ ରଖିଥିଲେ । ଏହି କେନ୍ଦ୍ରରେ ଅର୍ଡା, ରାଏପାଲି, ଝୁଲ୍ଲାକାନି, ରତନପୁର, ଗଡଦ୍ୱାର ଓ ଗାଇବାହାଲ ଗାଁ ର ସମସ୍ତ ପଞ୍ଜିକୃତ ଚାଷୀ ନିଜ ନିଜର ଧାନ ବିକ୍ରି କରିବାର ବ୍ୟବସ୍ଥା ହୋଇଛି । ଏହି ଶୁଭାରମ୍ଭ ସମୟରେ ଶ୍ରୀ ମିଶ୍ରଙ୍କ ବ୍ୟତିତ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଭାଗିୟ ଅଧିକାରୀ ଉପେନ୍ଦ୍ର ସ୍ୱାଇଁ, ସୁଜାତା ମଲ୍ଲିକ, ସସ୍ମିତା ବାଗ, ପଦ୍ମିନୀ ମେହେର, ବିଣା ପ୍ରଧାନ, ସମିତି ସଭ୍ୟ ସଂଯୁକ୍ତ ସେଠ, ସରପଂଚ ତ୍ରିଲୋଚନ ନାଗ, ସାଂସଦ ପ୍ରତିନିଧି ଡା. ଶଶିଭୂଷଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରି, ଅସିତ ମିଶ୍ର, କାନ୍ତେଶ୍ୱର ପ୍ରଧାନ, ଭିକାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଙ୍ଗନବାଡ଼ି କର୍ମୀଙ୍କ ଦାବି ପୂରଣ ହେବ କେବେ ?

ଗଞ୍ଜାମ, ୦୩/୧୨ (ନି.ପ୍ର): ରାଜ୍ୟରେ ଅଲ ଓଡିଶା ଅଙ୍ଗନ୍ୱାଡି କର୍ମୀ ଲେଡିସ ଓ୍ୱାର୍କରସ ଏସୋସିଏସନ ପକ୍ଷରୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ସାରା ରାଜ୍ୟରେ ମାସାଧିକ ସମୟ ଧରି ଦରମା ବୃଦ୍ଧି, ପେନସନ ଇତ୍ୟାଦି ଦାବି ନେଇ ଆନ୍ଦୋଳନ ଚାଲିଥିା ବେଳେ ବିଜେପିର ନେତୃମଣ୍ଡଳୀ ଓ ବର୍ତ୍ତମାନ ବିଜେପି ସରକାର ଥିବା ମନ୍ତ୍ରୀ ମାନେ ଅଙ୍ଗନବାଡି କର୍ମୀମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିା ସହ ବିଜେପି ସରକାର କ୍ଷମତାକୁ ଆସିଲେ ଅଙ୍ଗନବାଡ଼ି କର୍ମୀଙ୍କ ଦାବି ଅବିଳମ୍ବେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ବୃଦ୍ଧି ଇତ୍ୟାଦି କଥା ଉଠାଉନାହାନ୍ତି । ଅନ୍ୟପକ୍ଷରେ ପୂର୍ବରୁ ଦୁର୍ବାର ଆନ୍ଦୋଳନ କରିଥିବା ଆସୋସିଏସନ୍ ବର୍ତମାନ ପୁରା ଚୁପ। ଏହି ଆସୋସିଏସନ୍ ବିଜେପି ର ଗଣସଂଗଠନ ଥିବାରୁ ଆଉ ଅଙ୍ଗନବାଡ଼ି କର୍ମୀ ମାନଙ୍କ ଦାବିନେଇ ସ୍ୱର ଉତୋଳନ କରୁନାହିଁ ବୋଲି ଜନମତ ପ୍ରକାଶ ପାଇବାରେ ଲାଗିଛି। ଏଣେ ଆନ୍ଦୋଳନ ଠାରୁ ଏସୋସିଏସନ ଦୂରେଇ ଯାଇଥିବାରୁ ବହୁ ଅଙ୍ଗନବାଡ଼ି କର୍ମୀମାନେ ଅଲ ଓଡିଶା ଅଙ୍ଗନ୍ୱାଡ଼ି କର୍ମୀ ଓ ଲେଡିସ ଓ୍ୱାର୍କରସ ଏସୋସିଏସନ ପାଖରୁ ମୁହଁ ଫେରାଇବାକୁ ଲାଗି ଥିବା ସୂଚନାରୁ ଜଣାପଡ଼ିଛି।

# ଧାନକିଣା ନିମନ୍ତେ ସଚେତନତା ବ୍ୟାପକ ସଚେତନତା ସୃଷ୍ଟି

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଚାଷୀ ମାନେ ପଞ୍ଜିକରଣ ଠାରୁ ଆରମ୍ଭ କରି ଟୋକନ ପାଇବା, ଧାନର ମାନ ଓ ଧାନ ବିକ୍ରୟ, ସର୍ବନିମ୍ନ ସାଧାରଣ ମୂଲ୍ୟ ପାଇବା ଆଦି ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି । ରାଜ୍ୟର ସମସ୍ତ ବ୍ଲକ ଓ ଜିଲ୍ଲା ସ୍ତରରେ ସଚେତନତା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସଚେତନତା ସୃଷ୍ଟି ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ଓ ବ୍ଲକ ମୁଖ୍ୟାଳୟରେ ହୋର୍ଡିଂ ଲଗାଯାଇ ଚାଷୀ ମାନଙ୍କ ଉନ୍ନତି ପାଇଁ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାର୍ତ୍ତା ଦିଆଯାଉଛି । ଏପରିକି ମଣ୍ଡି ଗୁଡିକରେ ମଧ୍ୟ ପୋଷ୍ଟର ଓ ଫ୍ଲେକ୍ସ ଦ୍ୱାରା ଚାଷୀ ମାନଙ୍କୁ ଧାନ ବିକ୍ରି ସଂକ୍ରାନ୍ତୀୟ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଉଛି । ଧାନ ବିକ୍ରୟ ନୀୟମ ଓ ଅଭିଯୋଗ କରିବାର ମାଧ୍ୟମ ସମ୍ପର୍କରେ ପତ୍ରିକା ଦ୍ୱାରା ସୂଚନା ଦିଆଯାଉଛି । ଏତଦବ୍ୟତୀତ ସମ୍ପୃକ୍ତ ଜିଲ୍ଲାରେ ଅନୁଷ୍ଠିତ ପର୍ବପର୍ବାଣି ଓ ଉତ୍ସବ ସମୟରେ ମଧ୍ୟ କୃଷକ ମାନଙ୍କୁ ସଚେତନତା କରାଯାଉଛି । ବିଭିନ୍ନ ଅଡିଓ ଓ ଭିଡିଓ ଭ୍ୟାନ ମାଧ୍ୟମରେ ସେହି ଜିଲ୍ଲାରେ ଧାନ କିଣା ନିମନ୍ତେ ନିର୍ଦ୍ଧାରିତ ତାରିଖ ଓ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରାଯଉଛି । ଏପରିକି ପାଲା, ଦାସକାଠିଆ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଧାନକିଣା ବାର୍ତ୍ତା ଦିଆଯାଉଛି । କ୍ଷେତ୍ର ସ୍ତରୀୟ ଅଧିକାରୀ ମାନେ ବିଭିନ୍ନ ପଂଚାୟତ ବୁଲି ଚାଷୀ ମାନଙ୍କୁ ଧାନ କିଣା ଉପରେ ଅବଗତି କରାଉଛନ୍ତି । ଏପରିକି ବିଭିନ୍ନ ଟେଲିଭିଜନ ଓ ରେଡ଼ିଓ ଗଣମାଧ୍ୟମରେ ଜନହିତରେ କୃଷକ ତଥା ଜନସାଧାରଣଙ୍କୁ ସଚେତନତା କରାଯାଉଛି ।

# ପଂଚାୟତ ସ୍ତରିୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୦୩/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଂଚ ମୋତି ସୁଣ୍ଡା ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ସରକାରୀ ଜମି ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଥିଲେ।

# କୋହ୍ଲାନ୍ ନବବର୍ଷ ପାଳିତ



କପ୍ତିପଦା, ୦୩/୧୨ (ନି.ପ୍ର):ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ 'ଆଦି-ସଂସ୍କୃତି ବିଜ୍ଞାନ ସଂସ୍ଥାନ' କାନକୁମୁରା ଆନୁକୂଲ୍ୟରେ କୋହ୍ଲାନ୍ ନବବର୍ଷ ବେଶ୍ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । କାଇରା ସିଂ ବାନ୍ଦିଆଙ୍କ ନେତୃତ୍ୱରେ ନବବର୍ଷକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ ଅନୁଷ୍ଠାନ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଗଣ୍ଡ ସିଂ ମେଲଗାଣ୍ଡି ସଭାପତି, ବରେନ ସିଂ ଜେଠା ଉପ ସଭାପତି, ସୁକଲାଲ ସିଂ ଜାରିକା ସଂପାଦକ, ଶ୍ୟାମସୁନ୍ଦର ଗାଗରାଇ ସହ ସଂପାଦକ ଓ ସରୋଜିନୀ ସୁଣ୍ଡି କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ସଭାରେ ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ ପଞ୍ଜିକାକୁ ଉନ୍ମୋଚିତ କରାଯାଇଥିଲା । ଏହି ନବବର୍ଷ ସ୍ୱାଗତ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ନବବର୍ଷର ପ୍ରଥମ ଚନ୍ଦ୍ରଦର୍ଶନ କରି ସମସ୍ତେ ସମସ୍ତଙ୍କର ଶୁଭ ମନାସିଥିଲେ । ଉକ୍ତ ଉତ୍ସବକୁ ପୂର୍ମି ସିଂ ସୁଣ୍ଡି, ବାଗୁନ ସୁମ୍ବ୍ରଇ,ନାନ୍ଦୁ ସିଂ, ମୁଚିରାମ ସିଂ ବୁଲିଉଲି ପ୍ରମୁଖ ପରିଚାଳନା କରିଥିଲେ ।

# କେନ୍ଦ୍ରାପଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୦୨ ଡିସେମ୍ବର(ହି.ସ.) – କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦ ଘଟିକା ଠାରୁ ଅପରାହ୍ଣ ଘ ୧.୦୦ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେଆରକ୍ଷୀ ଅଧୀକ୍ଷକସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର,ଉପ-ଜିଲ୍ଲାପାଳରବୀନ୍ଦ୍ର କୁମାର ପ୍ରଧାନ,ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ବନ୍ଦନା ଖଟୁଆ, କେନ୍ଦ୍ରାପଡ଼ାତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୂଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୭୦ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୧୭ଗୋଟି ସାମୁହିକ ଏବଂ ୧୫୩ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୭୯,୦୦୦/- ଟଙ୍କା ୧୨ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁଚିକିତ୍ସା ସହାୟତା ବାବଦରେ ୧୨,୦୦୦/- ଟଙ୍କାର ଚେକ୍ ପ୍ରଦାନପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଦେଶୀ ବିହନ ଓ ଖାଦ୍ୟ ମେଳା

ବରଗଡ଼, ୦୩/୧୨ (ନି.ପ୍ର): ବରଗଡ଼ରେ ଦେଶୀ ସୁରକ୍ଷା ମଂଚ ଏବଂ ଭିତିଭୂମି ଦ୍ୱାରା କ୍ଲଷ୍ଟରସ୍ତରୀୟ ଦେଶୀ ବିହନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ଜୈବିକ ମହିଳା ଓ ପୁରୁଷ ଚାଷୀ ଯୋଡି ହୋଇଥିବା ବେଳେ ଜଳବାୟୁ ପରିବର୍ତ୍ତନ ସମୟରେ ପୁଷ୍ଟିଯୁକ୍ତ ଫସଲ ଓ ଜୈବିକ ଚାଷ ସୁସ୍ଥ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦାଶରଥୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଭିତିଭୂମୀ ସେବା ସଂଗଠନ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରି ଖାଉଟି, ଉତ୍ପାଦକ ମିଶି ଯେପରି ଏକ ସେତୁ ଭାବରେ ଏହି ଜୈବିକ ଚାଷ ଓ ଉତ୍ପାଦିତ ଖାଦ୍ୟ ଦ୍ରବ୍ୟ ଖାଉଟି ମାନଙ୍କ ପାଖକୁ ପହଂଚି ପାରିବ ଏବଂ ବରଗଡ଼ରେ ଥିବା ଦେଶୀ କାଫେରେ ପ୍ରସ୍ତୁତ ମାଣ୍ଡିଆ, କୁଦୋରୁ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବା ସେ ବିଷୟରେ ସେ ବକ୍ତବ୍ୟ ରଖିଥିଲେ । ଅଜିତ ପାଣିଗ୍ରାହୀ ସଂଗ୍ରାମୀ ଗୀତ ମାଧ୍ୟମରେ ଅତିଥିଙ୍କ ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଭାବରେ ସଂସ୍କୃତି ଗବେଷିକା ଡ଼ ତପସ୍ୱିନୀ ଗୁରୁ, ସାହିତ୍ୟିକ ଆଦିତ୍ୟ ପ୍ରସାଦ ମିଶ୍ର, ଅହିଂସା କ୍ଲବର ସମ୍ପାଦକ ଶିବ ପ୍ରସାଦ ସାହୁ, ବରଗଡ଼ କୃଷି ବିଜ୍ଞାନ କେନ୍ଦ୍ରରୁ ଆସିଥିବା ବରିଷ୍ଠ ବୈଜ୍ଞାନିକ ନୃସିଂହ ଚରଣ ବାରିକ, ଡ଼ ସୁମନ ଅଗ୍ରୱାଲ, ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ କୁମାର ସାହୁ, ସମ୍ପାଦକ ହର ବଣିଆ, ବରିଷ୍ଠ ବୁଦ୍ଧିଜୀବି ଡାକ୍ତର ଶ୍ୟାମ ଅଗ୍ରଓ୍ୱାଲ, ଶ୍ୟାମଲାଲ ନାଏକ ନିଜ ନିଜ ବକ୍ତବ୍ୟରେ ଜୈବିକ ଚାଷ ଓ ପୁଷ୍ଟିଯୁକ୍ତ ଖାଦ୍ୟ, ପରିବାର ତଥା ସମାଜରେ ଦେଶୀ ଖାଦ୍ୟ ଓ ତାର ପୁଷ୍ଟିଯୁକ୍ତ ଗୁଣ ଆମ ଶରୀରରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ଆମ ସମାଜ, ପରିବାର ତଥା ପରିବେଶ କିପରି ସୁସ୍ଥ ଓ ନିରୋଗ ରହି ପାରିବା ସେ ବିଷୟରେ ମତବ୍ୟକ୍ତ କରିଥିଲେ । କୃଷି ସହ ସଂସ୍କୃତିର ସମ୍ପର୍କ ଅତି ନିବିଡ ସେଇ ଦୃଷ୍ଟିରୁ ଆସିଥିବା ୬ ଜଣ ଜୈବିକ ମହିଳା ଓ ପୁରୁଷ ଚାଷୀଙ୍କୁ ଆଦର୍ଶ ଦେଶୀ ବିହନ ସଂରକ୍ଷଣ ଓ ଜୈବିକ ଚାଷୀ ଭାବରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କୁନି କଳାକାର ମାନଙ୍କୁ ନେଇ ନୃତ୍ୟ ପ୍ରଦର୍ଶିତ କରିଥିଲେ । ଆମକୁ ଆହୁରି ସଚେତନ ଭାବରେ କାମ କରିବାକୁ ହେବ । ଆମ ଅଂଚଳରେ ହେଉଥିବା ପୁଷ୍ଟିଯୁକ୍ତ ଫସଲକୁ ଆହୁରି ଗୁରୁତ୍ୱ ଦେବାକୁ ହେବ ସମସ୍ତେ କାମ କରିବାକୁ ହେବ । ବିଷମୁକ୍ତ ଖାଦ୍ୟ ସହିତ ସୁସ୍ଥ ସମାଜ ତିଆରି ପାଇଁ ଆମେ ସମସ୍ତେ ଏକାଠି କାମ କରିବାର ସମୟ ଆସିଛି କହିଥିଲେ । ବାଉଲସିଂହା, ଖେଦାପାଲି, ବାଞ୍ଜି ବାହାଲି, ବରଗାଁ ଓ ବାରଗାଡ଼ରୁ ମା ଚାଷୀ ମାନେ ଜୈବିକ ପନିପରିବା, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶିତ କରି ଉପସ୍ଥିତ ଖାଉଟି ଚାଷୀଙ୍କୁ ଖାଇବାକୁ ମଧ୍ୟ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମାନସ ସିଂହ ଲୋହାର, ହୃଷିକେଶ, ବିକୁ ପଧାନ, ସୁଖଦେବ ସ୍ୱାଇଁ, କମଳ, ଜଗଦା ନାଏକ, ବିଶ୍ୱଜ୍ୟୋତି, ଉତ୍କଳ, ଗୁରୁଦେବ ସାହୁ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଦ୍ୱିଦିବସୀୟ ସାହିତ୍ୟ ସମ୍ବର୍ଦ୍ଧନ ଯାତ୍ରା ସମାହିତ

ଭୁବନେଶ୍ୱର , ୦୩/୧୨ (ନି.ପ୍ର): ଭାଷା ସାହିତ୍ୟ କ୍ଷେତ୍ରରେ ଭାରତ ବର୍ଷର ଅଗ୍ରଣୀ ସାହିତ୍ୟ ସଙ୍ଗଠନ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ସାହିତ୍ୟ ସମ୍ବର୍ଦ୍ଧନ ଯାତ୍ରା ପୁରୀ ଠାରେ ୩୦ ନଭେମ୍ବର ୨୦୨୪ ପ୍ରାତଃ ୯ ଘଟିକାରୁ ଆରମ୍ଭ ହୋଇ ୧ ଡିସେମ୍ବର ୨୦୨୪ ଅପରାହ୍ଣ ୪ଟାରେ ଗୋପବନ୍ଧୁଙ୍କ ସମାଧିପୀଠ ସାକ୍ଷୀଗୋପାଳଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ଆସିଥିବା ବିଶିଷ୍ଟ ସାହିତ୍ୟିକ, କବି, ପ୍ରାବନ୍ଧିକ, ସ୍ତମ୍ଭକାର ଓ ଗବେଷକମାନେ ପୁରୀ ଗୁଣ୍ଡିଚା ମନ୍ଦିର ସନ୍ନିକଟ ଶ୍ରୀ ଚୈତନ୍ୟ ଚନ୍ଦ୍ରାଶ୍ରମ ପରିସରରେ ସମବେତ ହୋଇ ଏ କାର୍ଯ୍ୟକ୍ରମର ଉଦ୍ଘାଟନ ଉତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବ ପୁରୀର ବିଶିଷ୍ଟ ବୁଦ୍ଧିଜୀବୀ ପ୍ରଳୟ କୁମାର ନନ୍ଦ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ ଏବଂ ପରିଷଦର ଉପାଧ୍ୟକ୍ଷ ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ପ୍ରଥମେଓଡ଼ିଶାରପ୍ରାତଃସ୍ମରଣୀୟ ମହାପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କର ଜନ୍ମପୀଠ କପିଳେଶ୍ୱରପୁର ଶାସନକୁ ସାହିତ୍ୟିକମାନେ ଯାତ୍ରା କରି ସେଠାକାର ଗ୍ରାମ, ଗ୍ରାମର ପରିବେଶ, ଗ୍ରାମର ସାମାଜିକ ସ୍ଥିତି, ଚଳଣି, ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ଏବଂ ମୁରବିମାନଙ୍କ ସହିତ କଥାବାର୍ତ୍ତା କରି ମହାପ୍ରଭୁ ଜଗନ୍ନାଥ ଦାସଙ୍କର ଉତ୍କଳ ପାଇଁ ଅବଦାନ ସମ୍ପର୍କରେ ତାଙ୍କର ପୀଠରେ ଆଲୋଚନା କରିଥିଲେ। ଆନନ୍ଦର ବିଷୟ ସେହି ଗ୍ରାମର କତିପୟ ଯୁବକ ସାହିତ୍ୟିକ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଭାବର ଆଦାନ ପ୍ରଦାନ ହୋଇଥିଲା। ଏହା ପରେ ସାହିତ୍ୟିକମାନେ ଶ୍ରୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ବାସେଳୀ ସାହି ସ୍ଥିତ ବଡ଼ ଓଡ଼ିଆ ମଠ ଓ ସାତ ଲହଡ଼ି ମଠକୁ ଯାତ୍ରା କରିଥିଲେ। ଉପରୋକ୍ତ ଦୁଇ ମଠର ଜରାଜୀର୍ଣ୍ଣ ଅବସ୍ଥା ଦେଖି ମନ ବଡ଼ ଭାରାକ୍ରାନ୍ତ ହୋଇଥିଲା ଏବଂ ସମସ୍ତ ସାହିତ୍ୟିକ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନର ପ୍ରାରମ୍ଭରେ ସାହିତ୍ୟିକମାନେ ପୁରୀ ନଗରର ଅନ୍ୟାନ୍ୟ ବୁଦ୍ଧିଜୀବୀଙ୍କ ସହିତ ପଂଚସଖା ଯୁଗର ଅଗ୍ରଜ ସାଧକ କୃପାସିନ୍ଧୁ ବଳରାମ ଦାସଙ୍କ ସାଧନାର ପୀଠ ସମଗରା ପାଟକୁ ଯାତ୍ରା କରିଥିଲେ। ତାହାର ଅବହେଳିତ ଅବସ୍ଥା ଦେଖି ସମସ୍ତ ସାହିତ୍ୟିକ ଦୁଃଖ ପ୍ରକାଶ କରିଥିଲେ। ସେଠାରୁ ସାହିତ୍ୟିକମାନେ ଯାତ୍ରା କରିଥିଲେ ଗୋପବନ୍ଧୁଙ୍କ ଜନ୍ମଭୂମି ସୁଆଣ୍ଡୋକୁ। ଯାହାହେଉ ସେଠାରେ ସରକାରଙ୍କ ଦ୍ୱାରା ବହୁ କାର୍ଯ୍ୟ ହୋଇଥିବାରୁ ସମସ୍ତେ ଆନନ୍ଦ ପ୍ରକଟ କରିଥିଲେ। ସେଠାରୁ ସାହିତ୍ୟିକମାନେ ସତ୍ୟବାଦୀଠାରେ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ।

# ଆପଣ ଚନ୍ଦା ହୋଇଯାଉଛନ୍ତି କି... ଆଜିଠାରୁ ଖାଉନ୍ତୁ ଏହି ୬ଟି ପନିପରିବା

ସେ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତଙ୍କ ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରେ ଚୁଟି। ଚୁଟିକୁ ମଧ ସମସ୍ତେ ଷ୍ଟାଇଲ୍ କରିବାକୁ ପସନ୍ଦ କରନ୍ତି। ଆଜିକାଲି ପ୍ରାୟ ସମସ୍ତେ ଚୁଟି ସମସ୍ୟା ଦେଇ ଗତି କରୁଛନ୍ତି। କାହାର କମ୍ ବୟସରେ ଚୁଟି ପାଚିଯାଉଛି ତ ଆଉ କାହାର ଚୁଟି ପତଳା ହୋଇ ଛିଡୁଛି, ପୁଣି କାହାର ଚୁଟି ଉପୁଡୁଛି। ଏହି ସମସ୍ୟା ଭୋଗୁଥିବା ଲୋକେ ପ୍ରାୟ ଚିନ୍ତାରେ ରୁହନ୍ତି।

ଆପଣ ଯଦି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଜିଠାରୁ ଚିନ୍ତା ଛାଡିଦିଅନ୍ତୁ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ କେତେକ ଜରୁରୀ ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ। ଏହିସବୁ ପନିପରିବାରେ ଥିବା ବାୟୋଟିନ୍, ଆଇରନ୍, ଭିଟାମିନ୍ ଏ, ଓମେଗା ଫ୍ୟାଟି ଏସିଡ୍ ଆପଣଙ୍କ ଚୁଟିକୁ ରକ୍ଷା କରିପାରିବ।

ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଯାୟୀ, ଯେତେବେଳେ ଶରୀରରେ ଭିଟାମିନ୍ ଇ ୧୨, ଭିଟାମିନ୍ ଡ, ବାୟୋଟିନ୍, ରିବୋଫ୍ଲାଭିନ୍, ଆଇରନ୍ ଇତ୍ୟାଦିର ଅଭାବ ଦେଖାଯାଏ, ଏହା ଚୁଟିର ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ଉପରେ ଶୀଘ୍ର ପ୍ରଭାବ ପକାଇଥାଏ। ଯଦି ଆପଣ ଏହିସବୁ ଜିନିଷରେ ଭରପୂର ଖାଦ୍ୟ ବିଶେଷକରି ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେବେ, ତେବେ ଏହା ଆପଣ ସ୍ୱାସ୍ଥ୍ୟ ରକ୍ଷାରେ ସାହାଯ୍ୟ କରିବ। ଆସନ୍ତୁ ସେମିତି କିଛି ପରିବା ବିଷୟରେ ଜାଣିନେବା।













**ପାଳଙ୍ଗ:**
ପାଳଙ୍ଗ ହେଉଛି ଏମିରି ଏକ ସବୁଜ ପତ୍ରଯୁକ୍ତ ପନିପରିବା ଯେଉଁଥିରେ ପ୍ରଚୁର ପରିମାଣର ଫୋଲେଟ୍, ଆଇରନ୍, ଭିଟାମିନ୍ ଇ, ଡ ଏବଂ ଅନେକ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯଦି ଆପଣ ପ୍ରତିଦିନ ଏକ କପ୍ ସ୍ପାଇନାଚ୍ ଖାଆନ୍ତି, ତେବେ ଏହା ଶରୀରରେ ଥିବା ଅଭାବକୁ ଦୂର କରି କେଶକୁ ଶକ୍ତିଶାଳୀ ଏବଂ ସୁସ୍ଥ କରିପାରେ।

**କନ୍ଦମୂଳ:**
କନ୍ଦମୂଳକୁ ବିଟା କାରୋଟିନର ସବୁଠାରୁ ବଡ ଉତ୍ସ କୁହାଯାଇପାରେ। ଏଥିରେ ଏତେ ପରିମାଣର ଭିଟାମିନ୍ ଇ ଥାଏ ଯେ ଏହା ହିଁ କେବଳ ଚୁଟିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରେ। ଯଦି ଆପଣ ପ୍ରତିଦିନ ୧୧୪ ଗ୍ରାମ କନ୍ଦମୂଳ ଖାଆନ୍ତି, ତେବେ ଏହା ଖୁବ ଶୀଘ୍ର କାମ ଆରମ୍ଭ କରିପାରେ।

**କ୍ୟାପ୍ସିକମ୍:**
କ୍ୟାପ୍ସିକମ୍ ଶିମ୍ଲା ଲଙ୍କା କୁହାଯାଏ, ଚୁଟିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ ଡ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ମିଳିଥାଏ, ଯାହା ଚୁଟିକୁ ଶୀଘ୍ର ବୃଦ୍ଧିକରେ।

**ବିନ୍ସ:**
ବିନ୍ସରେ ପ୍ରୋଟିନ୍ ପ୍ରଚୁର ପରିମାଣରେ ମିଳିଥାଏ। ଚୁଟିର ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ନିଜ ଚୁଟିକୁ ମୋଟା ଏବଂ ଘନ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଅତି କମରେ ୧୦୦ ଗ୍ରାମ ବିନ୍ସ ଖାଆନ୍ତୁ।

**ଟମାଟୋର:**
ଟମାଟୋରରେ ଭିଟାମିନ୍ ଇ ଏବଂ ଭିଟାମିନ୍ ଡ ମଧ ପ୍ରଚୁର ପରିମାଣରେ ରହିଥାଏ, ଯାହା ସେବମ୍ ଉତ୍ପାଦନକୁ ବଢାଇଥାଏ ଏବଂ ଖପୁରୀ ଶୁଷ୍କ ହେବାକୁ ରୋକିଥାଏ। ଏହା ଭିଟାମିନ୍ ଡ କୋଲେଜେନ୍ ବୃଦ୍ଧି କରି ଚୁଟିକୁ ଶକ୍ତି ଦେଇଥାଏ । ଏହି ଉପାୟରେ, ଆପଣ ଏହି ପନିପରିବାକୁ ଆପଣଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରି ମଳିନତାକୁ ଏଡାଇ ପାରିବେ।

**ରସୁଣ:**
ଚୁଟିର ବିକାଶରେ ରସୁଣ ମଧ ବହୁତ ସାହାଯ୍ୟକରେ। ଏହା ଶରୀରରେ ଭିଟାମିନ୍ ଇ୬ ଏବଂ ଡ ର ଅଭାବକୁ ଦୂର କରେ। ଏଥିରେ ଆଣ୍ଟିଫଙ୍ଗାଲ୍ ଗୁଣ ଅଛି ଯାହା ଚୁଟିକୁ ସଂକ୍ରମଣରୁ ରକ୍ଷା କରିଥାଏ। ଏହା ବ୍ୟତୀତ ଏଥିରେ ଥିବା କାରୋଟିନ୍ କୋଷଗୁଡ଼ିକ ବୃଦ୍ଧିରେ ସାହାଯ୍ୟ କରେ।

# ଚିନି ଶିଶୁର ଯନ୍ତ୍ରଣା କମାଏ



ଆପଣ ହୁଏତ ଶୁଣିଥାଇ ପାରନ୍ତି କୌଣସି ଶିଶୁ କାନ୍ଦୁଥିବା ବେଳେ ଆଇମା' କୁହନ୍ତି ତାକୁ ଟିକେ ଚିନି ଦେଇଦିଅ କନ୍ଦ ବନ୍ଦ ହୋଇଯିବ । ବର୍ତ୍ତମାନ କାନାଡାର ବିଶେଷଜ୍ଞମାନେ କହିଛନ୍ତି ଯେ, କୌଣସି ଇଞ୍ଜେକସନ ନେବା ପୂର୍ବରୁ ଶିଶୁଟିକୁ ଯଦି ଏକ ଚାମଚ ଚିନି କିମ୍ବା ଚିନି ମିଶ୍ରିତ ପାଣି ଦିଆଯାଏ ତେବେ ଶିଶୁଟିର କାନ୍ଦ କମ୍ ହୁଏ । ପ୍ରାୟ ୨୦୦୦ ରୁ ଅଧିକ ଶିଶୁଙ୍କୁ ନେଇ ଦୀର୍ଘ ୧ ବର୍ଷ ଧରି ବିଶେଷଜ୍ଞମାନେ ୧୪ଟି ପରୀକ୍ଷା କରିଥିଲେ । ଏଥିରୁ ସେମାନେ ଜାଣିବାକୁ ପାଇଥିଲେ ଯେ, ଶିଶୁଟିକୁ ଯଦି ଗ୍ଲୁକୋଜ ମିଶ୍ରିତ ପାଣି ବା ଚିନି ପାଣି ଦିଆଯାଏ ତେବେ ତାହାର କନ୍ଦ ୨୦ ପ୍ରତିଶତ ହ୍ରାସ ପାଇଥାଏ । ଟରଣ୍ଟୋ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଗବେଷକ ଡଃ ଆର୍ଣ୍ଣି ଓଲସନଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ କହିଛନ୍ତି ଯେ, ଶିଶୁଟିଁ ଯଦି ଅଧ ଚାମଚ ଚିନି କିମ୍ବା ଗ୍ଲୁକୋଜ ଦିଆଯାଏ ତେବେ ଏହାର କାନ୍ଦ ପରିମାଣ ହ୍ରାସ ପାଇଥାଏ । ଅଷ୍ଟ୍ରେଲିଆ ଓ ବ୍ରାଜିଲର ବିଶେଷଜ୍ଞଙ୍କ ସହଯୋଗରେ ହୋଇଥିବା ଏହି ଗବେଷଣାରୁ ଜଣାପଡିଛି ଯେ, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଶିଶୁଙ୍କ କୌଣସି ଇଞ୍ଜେକସନ ବା ଟିକା ଦେବା ପୂର୍ବରୁ ଏବଂ ଦେବା ସମୟରେ ଚିନି କିମ୍ବା ଗ୍ଲୁକୋଜର ମାତ୍ରା ଦେବା ଉପରେ ବିଚାର କରିବା ଉଚିତ । ଚିନିରେ ଶିଶୁର ଯନ୍ତ୍ରଣା ନିବାରକ ଉପାଦାନ କରିଥିବାରୁ ଶିଶୁକୁ ଦେବା ଦ୍ୱର ଶିଶୁଟି କାନ୍ଦ କମ କରିଥାଏ । ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟର ଶିଶୁ ରୋଗ ବିଶେଷଜ୍ଞ ଆଦାମ ଫିନ୍ କହିଛନ୍ତି ଶିଶୁଟିକୁ ଇଞ୍ଜେକସନ ଦେବା ବେଳେ ତାହା ଯେଭଳି କମ୍ ଯନ୍ତ୍ରଣା ଦେବ ସେ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ । ଚିନି ହେଉ ବା ଗ୍ଲୁକୋଜ ଏହାକୁ ପରେ ଅଧିକ ଗବେଷଣା କରାଯିବା ଉଚିତ । ସାଧାରଣତଃ ଅଧିକାଂଶ ସମୟରେ ପିଲାମାନେ ଇଞ୍ଜେକସନ ଦେବାକୁ ଭୟ କରନ୍ତି କିମ୍ବା ନେବା ବେଳେ କାନ୍ଦିଥାନ୍ତି । ତେଣୁ ଇଞ୍ଜେକସନ ଯେତେକମ୍ ଯନ୍ତ୍ରଣା ଦାୟକ ହେବ ସେତେ ଭଲ । ତେବେ ଶିଶୁଟି ଉପରେ ଚିନି କି ପ୍ରକର ପ୍ରଭାବ ପକଉଛି, ଯେଉଁଥି ପାଇଁ କି ଶିଶୁଟି କମ୍ କାନ୍ଦୁଛି ତାହା ସବିଶେଷ ଭାବେ କିଛି ଜଣାପଡିନାହିଁ । ତେଣୁ ଏହା ଉପରେ ଅଧିକ ଗବେଷଣା ହେବା ଉଚିତ । ଏ ସଂକ୍ରାନ୍ତ ଗବେଷଣା ହେବା ଉଚିତ । ଏ ସଂକ୍ରାନ୍ତ ଗବେଷଣା ତଥ୍ୟ 'ଆର୍କାଇଭ୍ସ ଅଫ ଡିଜିଜ୍ ଇନ୍ ଚାଇଲ୍ଡହୁଡ' ଜର୍ଣ୍ଣାଲରେ ପ୍ରକାଶ ପାଇଛି ।

# ଶିବଲିଙ୍ଗ ଉପରେ କିପରି ଚଢେଇବେ ବେଲପତ୍ର

**ମହାଶିବରାତ୍ରୀରେ ଆପଣ ନିଶ୍ଚିତ ଶିବଲିଙ୍ଗରେ ବେଲପତ୍ର ଚଢେଇବେ। ଏହା ପୂର୍ବରୁ ଜାଣି ନେବା ଜରୁରୀ ଯେ ବେଲପତ୍ର କିପରି ଛିଡାଯାଏ ଓ ଶିବଲିଙ୍ଗରେ କିପରି ଚଢାଯାଏ। ଜାଣନ୍ତୁ ଏହାର ଫାଇଦା କ'ଣ..**

ମହାଶିବରାତ୍ରୀ ଭଗବାନ ଶିବଙ୍କର ପବିତ୍ର ଦିନ। ଶିବ ଶଙ୍କରଙ୍କ ପୂଜା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ବେଲପତ୍ର। ଏହା ବିନା ଭଗବାନ ଶିବଙ୍କ ଉପାସନା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ ଶିବଙ୍କ ଠାରେ ବେଲପତ୍ର ଚଢେଇବା ଦ୍ୱାରା ଭଗବାନ ପ୍ରସନ୍ନ ହେବା ସହ ତାଙ୍କ ମୁଣ୍ଡ ଥଣ୍ଡା ହୋଇଥାଏ। ଶିବପୁରାଣରେ ବେଲପତ୍ରର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି। କୁହାଯାଇଛି ଯେ ଯେଉଁ ବ୍ୟକ୍ତି ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ ତାଙ୍କୁ ୧ କୋଟି କନ୍ୟାଦାନର ସମାନ ପୁଣ୍ୟ ପ୍ରାପ୍ତ ହେବ। ତେବେ ଆସନ୍ତୁ ବେଲପତ୍ର ଅର୍ପଣର ନିୟମ, ବେଲପତ୍ର ଛିଣ୍ଡେଇବା ନିୟମ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା।

**ଶିବଲିଙ୍ଗରେ ବେଲପତ୍ର ଚଢେଇବାର ଧାର୍ମିକ ଭାବନା:**
ବିଶ୍ୱାର ରହିଛି ଯେ ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା ଦାରିଦ୍ର୍ୟ ଦୂର ହୁଏ ଏବଂ ଧନ ବୃଦ୍ଧି ହୁଏ। ଯେଉଁ ମହିଳାମାନେ ଶିବ ପୂଜା ସମୟରେ ବେଲପତ୍ର ପ୍ରଦାନ କରନ୍ତି, ସେମାନେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି। ବେଲପତ୍ର ଉପରେ ଚନ୍ଦନରେ ରାମ କିମ୍ବା ଓମ୍ ନମଃ ଶିବାୟ ଲେଖି ଶିବଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ। ଭଗବାନ ଭୋଲେନାଥଙ୍କୁ ବେଲପତ୍ର ଅର୍ପଣ କଲେ ସଙ୍କଟ ଦୂର ହୁଏ ଏବଂ ସ୍ୱାସ୍ଥ୍ୟ ଭଲ ରହେ। ଯେଉଁମାନଙ୍କ ଘରେ ବେଲ ଗଛ ଥାଏ ସେମାନେ ପାପରୁ ମୁକ୍ତ ହୁଅନ୍ତି, ଏହି ଗଛ ମୂଳରେ ପୂଜାପଠ କରିବା ଦ୍ୱାରା ଶୁଭ ଫଳ ମିଳିଥାଏ।

**ବେଲପତ୍ର ଅର୍ପଣର ନିୟମ:**
ଭଗବାନ ଶିବଙ୍କୁ ସର୍ବଦା କେବଳ ତିନି-ପତ୍ର ବିଶିଷ୍ଟ ବେଲପତ୍ର ଅର୍ପଣ କରନ୍ତୁ। କଟା-ଫଟା, ଦାଗ ଥିବା ବା ଶୁଖିଲା ବେଲପତ୍ର ଶିବଲିଙ୍ଗରେ ଚଢାନ୍ତୁ ନାହିଁ। ବେଲପତ୍ରକୁ ବିଶୁଦ୍ଧ ପାଣିରେ ଧୋଇବା ପରେ ଏହାକୁ ଶିବଲିଙ୍ଗ ଉପରେ ଚଢାନ୍ତୁ। ପତ୍ରର ଚିକ୍କଣିଆ ଭାଗକୁ ତଳମୁହାଁ କରି ଓ ଖଦଡ ଭାଗକୁ ଉପରମୁହାଁ କରି ରଖନ୍ତୁ। ପୂଜା ସମୟରେ ଯଦି ଆପଣଙ୍କ ପାଖରେ ବେଲପତ୍ର ନାହିଁ, ତେବେ ପୂର୍ବରୁ ଚଢାଯାଇଥିବା ବେଲପତ୍ରକୁ ଆଣି ବିଶୁଦ୍ଧ ପାଣିରେ ଧୋଇ ପୁନର୍ବାର ଶିବଙ୍କୁ ଅର୍ପଣ କରିପାରିବେ। ବେଲପତ୍ର କେବେବି ବାସି ହୋଇ ନଥାଏ। ଭଗବାନ ଶିବଙ୍କୁ ଅତି କମରେ ଗୋଟୋଏ ବେଲପତ୍ର ଦିଆଯାଇପାରେ। ଏହାଛଡା ୧୧,୨୧ ସଂଖ୍ୟା ଅନୁସାରେ ବେଲପତ୍ର ମଧ ପ୍ରଦାନ କରାଯାଏ।

**ବେଲପତ୍ର ଛିଣ୍ଡେଇବାର ନିୟମ:**
ବେଲପତ୍ର ଛୁଣ୍ଡେଇବା ପୂର୍ବରୁ ଭଗବାନ ଶିବଙ୍କୁ ସ୍ମରଣ କର। ଏହାକୁ ଛିଣ୍ଡେଇବା ପରେ ଗଛକୁ ନମସ୍କାର କର। ବେଲପତ୍ରର ପୁରା ଶାଖା ଭାଙ୍ଗିବା ଉଚିତ ନୁହେଁ। ଚତୁର୍ଥୀ, ଅଷ୍ଟମୀ, ନବମୀ ତିଥି, ପ୍ରଦୋଷ ବ୍ରତ, ଶିବରାତ୍ରୀ, ଅମାବାସ୍ୟା ଏବଂ ସୋମବାରରେ ବେଲପତ୍ର ଛିଣ୍ଡେଇବା ଉଚିତ ନୁହେଁ। ଯେତେବେଳେ ଗୋଟିଏ ତିଥି ଶେଷହୁଏ ଏବଂ ଅନ୍ୟ ଏକ ତିଥି ଆରମ୍ଭ ହୁଏ, ସେତେବେଳେ ମଧ ବେଲପତ୍ର ଛିଣ୍ଡେଇବା ଉଚିତ ନୁହେଁ।



# ଘର ପାର୍ଶ୍ୱରେ ହସ୍ପିଟାଲ୍ ଥିଲେ ସାଂଘାତିକ: ଜାଣନ୍ତୁ କ'ଣ ହୁଏ କ୍ଷତି

ଯଦି ଭୂମିର ପୂର୍ବ କିମ୍ବା ଉତ୍ତର ଦିଗ ଉଚ୍ଚଥାଏ ଏବଂ ଅନ୍ୟ ଦିଗ ନିଚ୍ଚା ହୋଇଥାଏ ତେବେ ଗୃହକର୍ତ୍ତାଙ୍କର ଅହିତ ହୋଇଥାଏ। ସବୁବେଳେ ଭୂମି କ୍ରୟ କଲାବେଳେ ଦେଖିବେ ଭୂମି ପାର୍ଶ୍ୱରେ ଯେପରି ମଶାଣି ନ ଥିବ। କାରଣ ମଶାଣି ଥିଲେ ଏହି ସ୍ଥାନର ନେଗେଟିଭ୍ ଏନର୍ଜି ବହୁତ ମାତ୍ରାରେ ଗୃହବାସୀଙ୍କ ଉପରେ ପଡିଥାଏ। ଯେକୌଣସି ନିର୍ମାଣ ପାଇଁ ଭୂଖଣ୍ଡର ପ୍ରୟୋଜନ ଅଛି। ଏହା ସମତଳ ଥିଲେ ବହୁତ ଭଲ। ଯଦି ପଶ୍ଚିମ କିମ୍ବା ଦକ୍ଷିଣ ଦିଗଟି ଅନ୍ୟ ଦିଗ ଅପେକ୍ଷା ଉଚ୍ଚ ଥିବ ତେବେ ଏହାକୁ ଅତ୍ୟନ୍ତ ଶୁଭ କୁହାଯାଏ। ଏଭଳି ସ୍ଥାନରେ ଗୃହ ନିର୍ମାଣ କଲେ ଗୃହକର୍ତ୍ତାଙ୍କର ଅନେକ ଶୁଭ ହୋଇଥାଏ। ଯଦି ଭୂମିର ପୂର୍ବ କିମ୍ବା ଉତ୍ତର ଦିଗ ଉଚ୍ଚଥାଏ ଏବଂ ଅନ୍ୟ ଦିଗ ନିଚ୍ଚା ହୋଇଥାଏ ତେବେ ଗୃହକର୍ତ୍ତାଙ୍କର ଅହିତ ହୋଇଥାଏ। ସବୁବେଳେ ଭୂମି କ୍ରୟ କଲାବେଳେ ଦେଖିବେ ଭୂମି ପାର୍ଶ୍ୱରେ ଯେପରି ମଶାଣି ନ ଥିବ। କାରଣ ମଶାଣି ଥିଲେ ଏହି ସ୍ଥାନର ନେଗେଟିଭ୍ ଏନର୍ଜି ବହୁତ ମାତ୍ରାରେ ଗୃହବାସୀଙ୍କ ଉପରେ ପଡିଥାଏ। ଅନେକ ଘର ଗୁଡିକରେ ବହୁତଗୁଡିଏ ଆଶ୍ଚର୍ଯ୍ୟଜନକ ଘଟଣା ଦେଖାଯାଏ କାରଣ କେବଳ ମଶାଣିର ନେଗେଟିଭ୍ ଏନର୍ଜିର ପ୍ରଭାବରୁ ଏହିପରି ହୋଇଥାଏ। ଯଦି ମଶାଣି ପାଖରେ ଥାଏ ତେବେ ବାସ୍ତୁବିତ୍‌ଙ୍କ ପରାମର୍ଶ ନେଇ ଗୃହରେ ପ୍ରତିକାର କରିବା କଥା।

ଭୂମି ପାର୍ଶ୍ୱରେ ଅତ୍ୟଧିକ ଶବ୍ଦ ହେଉଥିବା ସ୍ଥାନ ଯେମିତି କମାରଶାଳ, ବଢ଼େଇଶାଳ, କଳକାରଖାନା ଆଦି ଥିବା ଦ୍ୱାରା ମଧ ବାସ୍ତୁଦୋଷ ଉତ୍ପନ୍ନ ହୋଇଥାଏ କାରଣ




ସବୁବେଳେ ଅତ୍ୟଧିକ ଶବ୍ଦ ହେବା ଦ୍ୱାରା ଏହା ଗୃହବାସୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ, ଫଳରେ ଗୃହରେ ଶାନ୍ତି ବଦଳରେ ଅଶାନ୍ତି ଦେଖାଯାଏ। ଯଦି ଗୃହ ପାର୍ଶ୍ୱରେ ଏହି ଅତ୍ୟଧିକ ଶବ୍ଦ ଉତ୍ପନ୍ନ ହେଉଥାଏ ତେବେ ଗୃହକୁ ପ୍ରବେଶ କରିବ ନାହିଁ ଗୃହ ପାର୍ଶ୍ୱରେ ଦୁର୍ଗନ୍ଧ ଯୁକ୍ତ ସ୍ଥାନ, ଅଳିଆ ଆବର୍ଜନା ଜମା ହେଉଥିବା ସ୍ଥାନ ନ ଥିବା ଭଲ। ଏହିପରି ଦୁର୍ଗନ୍ଧ ଯୁକ୍ତ ସ୍ଥାନ ଥିଲେ ବାୟୁ ପ୍ରବାହରେ ଏହି ଦୁର୍ଗନ୍ଧ ଗୃହ ମଧ୍ୟକୁ ପ୍ରବେଶ କରିଥାଏ ଫଳରେ ଗୃହ ମଧ୍ୟରେ ଗୋଟେ ନକରାତ୍ମକ ପ୍ରଭାବ ପଡିଥାଏ। ଗୃହ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହିଥାଏ। ଦୁର୍ଗନ୍ଧ କାରଣରୁ ଶାନ୍ତିରେ ପୂଜାପାଠ କରିହୁଏ ନାହିଁ। ପିଲାମାନଙ୍କର ପାଠପଢାରେ ମନ ଲାଗେ ନାହିଁ। ରନ୍ଧା ଯାଉଥିବା ଖାଦ୍ୟ ପଦାର୍ଥ ଉପରେ ଏହି ଦୁର୍ଗନ୍ଧର ପ୍ରଭାବ ପଡିବା ଦ୍ୱାରା ଏହି ଖାଦ୍ୟ ଖାଇବା ଦ୍ୱାରା ଦେହ ଖରାପ ହୋଇଥାଏ। ଯାହାଦ୍ୱାରା ଗୃହବାସୀମାନେ ସବୁବେଳେ ଗୋଟେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ଶାରୀରିକ ଦୁଃଖ କଷ୍ଟ ଭୋଗିଥାନ୍ତି। ଗୃହ ପାର୍ଶ୍ୱରେ ବଡ ବଡ ହସ୍ପିଟାଲ୍ ଥିଲେ ଗୃହ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ କାରଣ ବିଭିନ୍ନ ପ୍ରକାର ରୋଗ ସଂକ୍ରମଣକାରୀ ଜୀବାଣୁ ପରିବେଶରେ ଥିବା ଦ୍ୱାରା ପାଖରେ ଥିବା ଗୃହ ଉପରେ ଏହାର ପ୍ରଭାବ ପଡିଥାଏ। ଏଣୁ ଗୃହ ନିର୍ମାଣ କଲାବେଳେ ଗୃହ ଭିତରେ ବାସ୍ତୁ ଯେତିକି ଗୁରୁତ୍ୱପୂର୍ଣ୍ଣ ଗୃହ ପାର୍ଶ୍ୱର ପରିବେଶ ମଧ ସେମିତି ଗୁରୁତ୍ୱପୂର୍ଣ୍ଣ, ଯାହାର ସକରାତ୍ମକ କିମ୍ବା ନକରାତ୍ମକ ପ୍ରଭାବ ସିଧାସଳଖ ଗୃହ ଉପରେ ପଡିଥାଏ। ଏଣୁ ଗୃହନିର୍ମାଣ ବେଳେ ଯଥା ସମ୍ଭବ ବାସ୍ତୁର ପ୍ରତ୍ୟେକ ଦିଗ ପ୍ରତି ଯତ୍ନର ସହିତ ଧ୍ୟାନ ଦେଇ ଗୃହନିର୍ମାଣ କଲେ ସୁଖ ଶାନ୍ତି ମିଳିଥାଏ।

# ସମାଜ ସେବା ଦୀର୍ଘାୟୁ ପ୍ରଦାନ କରେ

ଯେଉଁ କାର୍ଯ୍ୟ ମନରେ ଶାନ୍ତି ଓ ସକରାତ୍ମକ ଭାବନା ସଞ୍ଚାର କରେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଏକଥା ଏବେ ପ୍ରମାଣିତ ହୋଇଛି। ୟୁନିଭରସିଟଇ ଅଫ ମିଚିଗାନର ବିଶେଷଜ୍ଞ ମାର୍କ ମ୍ୟୁସିକ ତଥା ତାଘଙ୍କର ସହଯୋଗୀ ଗବେଷକ ନିଜର ଏକ ରିସର୍ଚ୍ଚ ବେଳେ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ବ୍ୟକ୍ତି ସମାଜସେବା କିମ୍ବା ସାମାଜିକ ସହଯୋଗ ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରନ୍ତି, ସେମାନେ ଦୀର୍ଘାୟୁ ଲାଭ କରନ୍ତି।

ଏହି ଗବେଷଣାର ୬୫ ବର୍ଷରୁ ଅଧିକ ବୟସର ୧୨୧୧ଜଣ ବ୍ୟକ୍ତିଙ୍କର ଦୈନନ୍ଦିନ କାର୍ଯ୍ୟ ଓ ସାମାଜିକ ସମ୍ପର୍କ ଆଦି ବିଷୟରେ ଅନୁଧ୍ୟାନ କରାଯାଇଥିଲା। ରିସର୍ଚ୍ଚରୁ ଜଣାପଡ଼ିଥିଲା ଯେ, ଏହି ବ୍ୟକ୍ତିମାନେ ନିୟମିତ ଭାବରେ ନିଜର କିଛି ସମୟ ସମାଜସେବା ପାଇଁ କୌଣସି ସାମାଜିକ ପ୍ରତିଷ୍ଠାନ, କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ମାଧ୍ୟମରେ ଅଥବା ସ୍ୱେଚ୍ଛାସେବୀ ଭାବରେ ଚାରିଟେବଲ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ଏମାନେ ପୂର୍ଣ୍ଣ ରୂପେ ସୁସ୍ଥ ଅଛନ୍ତି। ଏମାନେ ମଧୁମେହ ଓ ମାନସିକ ରୋଗ ତଥା ହୃଦରୋଗ ଆଦି ବିଭିନ୍ନ ବ୍ୟାଧିରୁ ସମ୍ପୂର୍ଣ୍ଣ ମୁକ୍ତ ଅଛନ୍ତି।

# ବୟସ ବଢାଏ ମୃଦୁ ପାନୀୟ

ମୃଦୁ ପାନୀୟ କମ୍ ବ୍ୟବହାର କଲେ ଶରୀର ଉପରେ ଏହାର କୌଣସି କୁପ୍ରଭାବ ପଡେନାହିଁ। ମାତ୍ର ଅଧିକ ବ୍ୟବହାର ବୟସ ପ୍ରକ୍ରିୟା ବଢାଇବା ସହିତ ଅସମୟରେ ବାର୍ଦ୍ଧକ୍ୟ ଆଣେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ବିଶେଷଜ୍ଞ ଦଳ କହିଛନ୍ତି ମୃଦୁ ପାନୀୟକୁ ସ୍ୱାଦଯୁକ୍ତ କରିବା ପାଇଁ ଏଥିରେ ଫସ୍‌ଫେଟ ମିଶାଯାଇଛି। ଏହି ଫସ୍‌ଫେଟ ଶରୀରର ଚର୍ମ ଓ ମାଂଶପେଶୀ ଉପରେ ପ୍ରଭାବ ପକାଇ ବୟସ ବୃଦ୍ଧି ପ୍ରକିୟ ତ୍ୱରାନ୍ୱିତ କରିଥାଏ। ଏପରି କି ଏହା ହୃତ୍‌ପିଣ୍ଡ ଓ କିଡ୍‌ନୀ ଖରାପ କରିଥାଏ ବୋଲି ବିଶେଷଜ୍ଞଙ୍କ ଉକ୍ତିକୁ ଉଦ୍ଧାର କରି 'ଡେଲି ମେଲ୍' ପ୍ରକାଶ କରିଛି। ବୈଜ୍ଞାନିକଙ୍କ କହିବାନୁଯାୟୀ ମୂଷା ଉପରେ ପରୀକ୍ଷା ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଛି। କେତେକ ମୂଷାକୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇ ସେମାନଙ୍କ ଭିନ୍ନ ଭିନ୍ନ ମାତ୍ରାରେ ଫସଫେଟ ଦିଆଯାଇ ସେମାନଙ୍କ ଶାରୀରିକ ପ୍ରତିଫଳନକୁ ଲକ୍ଷ୍ୟ କରାଯାଇଥିଲା। ପ୍ରାୟ ୮-୧୫ ସପ୍ତାହ ପରେ ଦେଖାଗଲା ଯେ, ଯେଉଁମାନଙ୍କୁ କମ୍ ପରିମାଣର ଫସଫେଟ ଦିଆଯାଇଛି ସେମାନଙ୍କ ଶରୀରରେ କୌଣସି ଲକ୍ଷଣ ଦେଖାଯାଇ ନ ଥିବା ବେଳେ ସାମାନ୍ୟ ଅଧିକ ଦିଆଯାଇଥିବା ମୂଷାଙ୍କ ଶାରୀରିକ ଅଭିବୃଦ୍ଧି ଘଟିଥିବା ଜଣାପଡିଥିଲା। ତେବେ ଯେଉଁମାନଙ୍କୁ ଅଧିକମାତ୍ରାରେ ଫସଫେଟ ଦିଆଯାଇଥିଲା ସେମାନେ ୧୫ ସପ୍ତାହ ଭିତରେ ମରିଯାଇଥିଲେ। ଏଥିରୁ ଜଣାପଡିଲା ଯେ, ଫସଫେଟଯୁକ୍ତ ଖାଦ୍ୟରେ ବିଷ ରହିଛି। ତେଣୁ ଏହାର ଅଧିକ ବ୍ୟବହାର ଶରୀର ପାଇଁ ହାନିକର ହେବ। ତଥାପି ମଣିଷ ସୁସ୍ଥ ଓ ଦୀର୍ଘ ବର୍ଷ ବଞ୍ଚିବା ପାଇଁ ଆହାରରେ ଫସଫେଟ ନିହାତି ଦରକାର। କିନ୍ତୁ ଏହାଠାରୁ ଅଧିକ ବ୍ୟବହାର ମଣିଷକୁ ସୁସ୍ଥ ବଦଳରେ ଅସୁସ୍ଥ କରି ପକାଇବ। ସେଥିପ୍ରତି ସତର୍କ ରହିବାକୁ ବୈଜ୍ଞାନିକମାନେ ସତର୍କ କରାଇଦେଇଛନ୍ତି। ଏହି ଗବେଷଣାଲବ୍ଧ ତଥ୍ୟ ରିସର୍ଚ୍ଚ ଜର୍ଣ୍ଣାଲ 'ଫାସେବ'ରେ ପ୍ରକାଶ ପାଇଛି। ଗବେଷଣାରେ ସାମିଲ ଜଣେ ପ୍ରମୁଖ ବୈଜ୍ଞାନିକ ଜେରାଲ୍ଡ ୱିଜମ୍ୟାନଙ୍କ କହିବାନୁଯାୟୀ ସୋଡା ପାନୀୟ ବିଶ୍ୱର ବହୁ କୋଟି ଲୋକଙ୍କ ପ୍ରିୟ ଭାବେ ପରିଚିତ। କିନ୍ତୁ ଏହାର ଶରୀର ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଖୁବ୍ କମ୍ ଲୋକ ଅବଗତ ଅଛନ୍ତି।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୪ ନଭେମ୍ବର ୨୦୨୪, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭଡ଼ାଟିଆଙ୍କ ଦୁଃଖ !...

'ଟୁ ଲେଟ୍' ଖୋଜୁ ଖୋଜୁ ଲଙ୍କାରେ 'ରାମ' ନାମ ଶୁଣିଲା ପରି ଓଡ଼ିଆରେ ଲେଖା 'ଘରଭଡ଼ା ଦିଆଯିବ' ଲେଖାଟି ପଢ଼ି ମନ ଉତ୍‌ଫୁଲିତ ହୋଇଗଲା। ଘରମାଲିକଙ୍କୁ ଭେଟି ଘରଭଡ଼ା ବିଷୟରେ ପଚାରିବାରୁ ସେ ପୁରାଣ ପଢ଼ିଲା ପରି ତାଙ୍କ ପରିବାର, ନିଜର ସରକାରୀ ଚାକିରିଠାରୁ ଅବସର ପର୍ଯ୍ୟନ୍ତ କହିଚାଲିଲେ। ବିଦେଶରେ ପୁଅ ଓ ବୋହୂଙ୍କ ମୋଟା ଅଙ୍କର ଦରମାରେ ଚାକିରି କଥା କହିବାକୁ ଭୁଲିଲେ ନାହିଁ। ତା' ପରେ ମୋତେ ପ୍ରଶ୍ନବାଣରେ ପୋତି ପକାଇଲେ। ନାମ କ'ଣ ? ଘରକେଉଁଠି ? ଜାତିରେ କ'ଣ ? କେଉଁଠି ଚାକିରି କରନ୍ତି ? କେତେ ଦରମା ପାଉଛନ୍ତି ? ପିଲାପିଲି କେତୋଟି ? ମୋ ପାଖରୁ ତାଙ୍କ ପ୍ରଶ୍ନର ଗୋଟି ଗୋଟି ଉତ୍ତର ପାଇବା ପରେ ମୋତେ ଯେପରି ଅନୁଭବ ହେଉଥିଲା, ମୁଁ କୌଣସି ଏକ ଚାକିରି ପାଇଁ ସାକ୍ଷାତକାର ଦେଉଛି। ଏହାପରେ ସେ ସର୍ତ୍ତଗୁଡ଼ିକ କହି ବସିଲେ – 'ମୋର ତିନିମହଲା କୋଠାରେ ଆମେ ସ୍ୱାମୀ, ସ୍ତ୍ରୀ ଦୁଇଜଣ ! ନିରୋଳା ଲାଗିବାରୁ ଅବଶିଷ୍ଟ ଘରଗୁଡ଼ିକୁ ଭଡ଼ା ଦେଇଛି। ଦୁଇ କିମ୍ବା ତିନି ପରିବାରୁ ଅଧିକ ବ୍ୟକ୍ତିଙ୍କୁ ମୁଁ ଭଡ଼ା ଦିଏନା। ଆପଣ ସାଲାରି ସିଟ୍ ଓ ଆଧାର କାର୍ଡର ଜେରକ୍ସ କପି ସହିତ ଗୋଟିଏ ପାସ୍‌ପୋର୍ଟ ଫଟୋ ଦେବେ। ମାସର ପହିଲା ଦିନ ଭଡ଼ା। ତିନିମାସ ଆଡ୍‌ଭାନସ୍। ରାତି ଦଶଟା ପରେ ଫାଟକବନ୍ଦ। ଗେଷ୍ଟ ଆସିଲେ ସେହିଦିନ ଯିବାକୁ ହେବ। ଡିଷ୍ଟର୍ବ ନହେବା ପାଇଁ ଆପଣ ସର୍ବଦା ଟିଭି ସାଉଣ୍ଡ୍ କମ ରଖିବେ। ପାଣି ବ୍ୟବହାର ମନଇଚ୍ଛା କରି ପାରିବେ ନାହିଁ। ଘର ଛାଡ଼ିବାକୁ ହେଲେ ଦୁଇମାସ ପୂର୍ବରୁ ଜଣାଇବେ। ଏଗ୍ରିମେଣ୍ଟ କରିବାକୁ ପଡ଼ିବ। ଭବିଷ୍ୟତରେ ଦ୍ୱିତୀୟ ପିଲା ହେଲେ ଘର ଛାଡ଼ିବାକୁ ହେବ। ଏମିତି ଜଣେ ଭଡ଼ାଟିଆ ନିକଟରେ ଘର ଛାଡ଼ିଲେ।' ଯେଉଁ ଭାଇମାନେ ମୋ ଭଳି ଭଡ଼ାଘରେ ରହୁଥିବେ ସେମାନେ ନିଶ୍ଚିତ ଅଂଗେ ନିଭାଇଥିବେ ଘରମାଲିକଙ୍କର ତାଗିଦ୍ ଓ ଭଡ଼ାଟିଆଙ୍କ ଦୁଃଖ। ମାଲିକ ଥିବା ଘର ଭଡ଼ା ନେଲେ ଖୁବ୍ ସତର୍କତାର ସହିତ ଚଳିବାକୁ ପଡ଼େ। ପାଣି ମୋଟର ତାଙ୍କ କବ୍‌ଜାରେ। ପାଣି ଶେଷ ହେଲେ ମୋଟର ଲଗାଇବାକୁ ଅନୁରୋଧ କଲେ ପଦେ ଶୁଣିବାକୁ ପଡ଼େ, 'ଏମିତି ପାଣି ଖର୍ଚ୍ଚ କଲେ ଚଳିବ ?'। ତେଣୁ ଅନେକ ଭଡ଼ାଟିଆ ପାଣି ଶେଷ ହେଲେ ମଧ ମୋଟର ପୁନଃ ଚାଲୁ କରିବାକୁ ଅନୁରୋଧ କରନ୍ତି ନାହିଁ। ପ୍ରତିବର୍ଷ ଘରଭଡ଼ା ବୃଦ୍ଧି, ଯାହାର କୌଣସି ପରିମାପକ ନଥାଏ। ଭୁବନେଶ୍ୱର ଭଳି ସହରରେ ରହୁଥିବା ଭଡ଼ାଟିଆମାନେ ଏ ଦୁଃଖ ଅନୁଭବ କରୁଥିବେ। ଭଡ଼ା ପଇସା ଦେବାରେ ଦୁଇଚାରି ଦିନ ଡେରି ହୋଇଗଲେ ତିରସ୍କାର ଶୁଣିବାକୁ ମିଳେ। ସମସ୍ତଙ୍କର ଅଲଗା ମିଟର ଥିଲେ ସୁଦ୍ଧା ୟୁନିଟ୍ ପିଛା ୬ଟଙ୍କାରୁ ୭ଟଙ୍କା ଦେବାକୁ ପଡ଼େ। ଦଦରା ହାଣ୍ଡିକୁ ତଳିହାତିଆ କଳା ଭଳି ଦେଖା ହେଲେ ମିଠା କଥା ଦି'ପଦ କହିବାକୁ ପଡ଼େ। ଘରଭଡ଼ାକୁ ନେଇ ମଜା କଥାଟିଏ। ଜନୈକ ବ୍ୟକ୍ତି ଘରଭଡ଼ା ନେବା ପାଇଁ ଘର ଦେଖିବା ପରେ ପଚାରିଲେ ଘରଭଡ଼ା କେତେ ? ମାଲିକ କହିଲେ, 'ଦଶ ହଜାର'। ତା' ପରେ ଲାଟିନ୍ ବାଥରୁମ୍ ଦେଖିବାକୁ କହିବାରୁ ଭଡ଼ା ନେବାକୁ ଆସିଥିବା ଲୋକଟି ଅତି ନମ୍ରତାର ସହିତ କହିଲେ, 'ନାଇଁ ଆଜ୍ଞା ମୋର ସେସବୁ ଦେଖିବା ଆବଶ୍ୟକ ନାହିଁ।' ମାଲିକଙ୍କର ଆଶ୍ଚର୍ଯ୍ୟ ହେବା ଦେଖି ସେ କହିଲେ, 'ମୋର ମାସକୁ ଦରମା ଦଶହଜାର। ଏସବୁ ଘର ଭଡ଼ାରେ ଚାଲିଗଲେ ମୋର ତ ଖାଇବା ବନ୍ଦ ହୋଇଯିବ। ଲାଟିନ୍‌ର ଆବଶ୍ୟକତା କ'ଣ ଅଛି ?' ଘରଟିଏ ଛାଡ଼ିବା ପୂର୍ବରୁ ଘରର ଯାବତୀୟ ଜିନିଷ ବନ୍ଧାବନ୍ଧି କରିବା, ତା'କୁ ବୋହିନେଇ ଗାଡ଼ିରେ ରଖିବା ଓ ନୂଆ ଘରେ ସେହି ଜିନିଷ ସଜାଡ଼ି ରଖିବାରେ ଯେଉଁ ଯନ୍ତ୍ରଣା, ସେଥିପାଇଁ ଲୋକେ ଅସୁବିଧାରେ ଥାଇ ମଧ ଘର ବଦଳାଇବାକୁ ଇଚ୍ଛା କରନ୍ତି ନାହିଁ। ଜିନିଷ ଏପଟ ସେପଟ ହୋଇ ନମିଳିବା, ଫ୍ରିଜ୍, ଆଲମିରା, ବୁକ୍ ସେଲ, ଟିଭି ଆଦି ଜିନିଷ ଭାଙ୍ଗିରୁଜି ଯିବାର ଆଶଙ୍କା ଥାଏ। ଏହାପୂର୍ବରୁ ଇଲେକ୍ଟ୍ରିକ୍ ମିସ୍ତ୍ରୀ, ଟିଭି ମେକାନିକ୍‌ଙ୍କୁ ଖୋଜିବାକୁ ପଡ଼ିଥାଏ। ଏକାଧିକ ଭଡ଼ାଟିଆଙ୍କ ଗହଣରେ ରହୁଥିଲେ ସେମାନଙ୍କ ମଧ୍ୟରୁ କେହି ସ୍ୱତନ୍ତ୍ର ଥା'ନ୍ତି। ସେମାନଙ୍କ ଅସ୍ୱଭାବନୀୟ ଆଚରଣ ଅତିଷ୍ଠ କଲେ ମଧ ମାଡ଼ିଜାକି ହୋଇ ଚଳିବାକୁ ପଡ଼େ। ଘର ଛାଡ଼ିଲେ ଅଗ୍ରୀମ ଟଙ୍କା ହରାଇବାକୁ ପଡ଼େ। ରହିସାରିବା ପରେ ପାଣି ଅବ୍ୟବସ୍ଥା। ଛାତରୁ ପାଣି ପଡ଼ିବା, ଛାତରୁ ପ୍ଲାଷ୍ଟର ଖସିବା ଆଦି କଥାକୁ ମାଲିକ ଅଣଦେଖା କରିଦିଅନ୍ତି। ଏହିଭଳି ଘର ଦୁର୍ଭାଗ୍ୟକୁ ମିଳିଲେ ରହିବା ପରଦିନ ଠାରୁ ପୁଣି ଘରଭଡ଼ା ଖୋଜିବାକୁ ପଡ଼େ। କେତେକ କ୍ଷେତ୍ରରେ ଏକାନ୍ନବର୍ତ୍ତୀ ପରିବାରରେ ବନ୍ଧୁବାନ୍ଧବ ଓ ଗାଁ ଲୋକ ରାତିରେ ରହିବା ସୁଯୋଗ ନପାଇ ସମ୍ପର୍କ ଛିନ୍ନ କରନ୍ତି। ନିଉୟର୍କ ଗବେଷକମାନେ ଦଶଟି ବଡ଼ ସହରର ୬୦, ୦୦୦ ଭଡ଼ାଟିଆଙ୍କ ଉପରେ ଗବେଷଣା କରି କହିଛନ୍ତି ଯେ ଦୀର୍ଘଦିନ ଧରି ଭଡ଼ାଘରେ ରହୁଥିବା ଭଡ଼ାଟିଆଙ୍କ ଆୟୁଷ କମିଯାଏ। ମନଇଚ୍ଛା ଭଡ଼ା ବଢ଼େଇବା, ଏପରିକି ବର୍ଷକୁ ମଧ ଦୁଇଥର, ଘରଛାଡ଼ିବା ପାଇଁ ହଇରାଣ କରିବା, କଥାବାର୍ତ୍ତାରେ ଶାଳୀନତା ନ ରଖିବା, ଖରା ଦିନେ ଏସି ବ୍ୟବହାରରେ ବାଧା ସୃଷ୍ଟି କରିବା ଓ ଘର ମାଲିକଙ୍କ ଆଚରଣ ଅସହ୍ୟ ହେବାରୁ ଭଡ଼ାଟିଆମାନେ ବିଷାଦଗ୍ରସ୍ତ ହୁଅନ୍ତି। ବେସରକାରୀ ଚାକିରି, ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ସହରରେ ଘରଭଡ଼ା ନେଇ ଭୟରେ ରହିଥା'ନ୍ତି। ପେଟ ଓ ଔଷଧରୁ କାଟି ପହିଲାକୁ ଘରଭଡ଼ା ଦେବାର ଚିନ୍ତା ମାସସାରା ରହିଥାଏ। ଏମାନଙ୍କ ରୋଜଗାରର ମୁଖ୍ୟ ଭାଗ ଘରଭଡ଼ାରେ ଯାଏ।



## ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ:'ଇ-ଆବର୍ଜନାର ସଂକଟ'

### ଅଲେଖ ଚନ୍ଦ୍ର ସାମଲ

দିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ। ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି। କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି। ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି। ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ। ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି। ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି। ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ। ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି। ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ୍, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ। କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ। ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ। ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି। ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି। ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ। ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି। ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି। ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା। ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି। ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍। ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ। ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼୍‌ର ଓଜନ ସହିତ ସମାନ ହେବ। ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ। ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା। ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍। ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ। ଏବେ ଏ କ୍ରମ ବଦଳି ଯାଇଛି। ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି। ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ। ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି। ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ। କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ। କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ। ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ। କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ। ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କୁ ସତର୍କ ହେବାର ସମୟ ପହଞ୍ଚିଛି ଏବଂ ଏ କ୍ଷେତ୍ରରେ କେବଳ ସତର୍କତା ନୁହେଁ ଅନ୍ୟ ମାନଙ୍କୁ ସଚେତନତା ମଧ କରିବାର ଗୁରୁଦାୟିତ୍ୱ ଆମ୍ଭ ମାନଙ୍କ ଉପରେ ନ୍ୟସ୍ତ।


ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର




## ଭିନ୍ନକ୍ଷମ ଦିବସ ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀ

### ବିଶ୍ୱବିଜୟୀ ଦାଶ

ପ୍ରତିବର୍ଷ ଡିସେମ୍ବର ୩ ତାରିଖ ଆଜିର ଦିନରେ ବିଶ୍ୱବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ପାଳନ କରାଯାଉଛି।ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି।

ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଲକ୍ଷ୍ୟ ହେଉଛି ଅକ୍ଷମତା ସମସ୍ୟା ବିଷୟରେ ଏକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା, କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଆହ୍ୱାନ ଗୁଡିକୁ ଦୂର କରିବା ଏବଂ ସମାଜରେ ଆତ୍ମବିଶ୍ୱାସର ସହ ବଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ସମାଜରେ ଭିନ୍ନକ୍ଷମ ମାନଙ୍କୁ ଯୋଗ୍ୟ ଜୀବନଯାପନ କରିବାକୁ ସୁଯୋଗ ଦେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ। ମଣିଷର ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସମାନ। ସେହିପରି ଆମେ ସମସ୍ତେ ଅଲଗା କିନ୍ତୁ ଏକ ସମୟରେ କହିବାକୁ ଗଲେ ସମସ୍ତେ ସମାନ ବୋଲି କହିବା ସହ ଭିନ୍ନକ୍ଷମ ମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ।

ପ୍ରତ୍ୟେକ ଦିବ୍ୟାଙ୍ଗ ଆମ ସମାଜର ଅଂଶ ବିଶେଷ।ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ତାଲିମ ଦେବା ଫଳରେ ସେମାନଙ୍କର ସାମାଜିକ, ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ଲାଟଫର୍ମ ମାଧ୍ୟମରେ ଅକ୍ଷମତା ସଚେତନତାକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସହାନୁଭୂତିର ମୂଳଦୁଆ ଉତ୍ପନ୍ନ ହୁଏ ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗି ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରେ।

ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା।ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍ ?ବଳୟକୁ ପ୍ରସାରିତ କରେ। ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ।ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ। ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ। ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି।ଶିକ୍ଷା ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ସ୍ୱାବଲମ୍ବୀ ହୋଇପାରିବେ।

ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରୁଛନ୍ତି।ସାଧାରଣ ବିଦ୍ୟାର୍ଥୀ ମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ? ଅଧିକ ପ୍ରୋତ୍ସାହନ କରିବା ଦ୍ୱାରା ସେମାନେ ଉତ୍ସାହିତ ହୋଇପାରିବେ,ଯାହା ଫଳରେ ସେମାନଙ୍କର କିଛି ଉନ୍ନତି ହୋଇପାରିବ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ କିଭଳି ଭାବରେ ଶିକ୍ଷା ଦାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇ ପାରିବ, ତାହା କେବଳ ସ୍ୱତନ୍ତ୍ର ଶିକ୍ଷକ ହିଁ କରିପାରିବ।ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ସ୍ୱାବଲମ୍ବୀ ସହ ଆତ୍ମନିର୍ଭରଶୀଳ ମାର୍ଗ କେବଳ ସ୍ୱତନ୍ତ୍ର ଶିକ୍ଷକ ଦ୍ୱାରା ହିଁ ସମ୍ଭବ।

ଦିବ୍ୟାଙ୍ଗ ମାନେ ହିଁ ନିଜର ଅକ୍ଷମତାକୁ ପଛରେ ପକାଇ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ମାଧ୍ୟମରେ ଆଜି ସମାଜରେ ସଫଳ ହୋଇଛନ୍ତି।ଏମିତି ଅନେକ ଉଦାହରଣ ଅଛି ଦିବ୍ୟାଙ୍ଗ ମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ମଧ ହୋଇଛନ୍ତି। କୌଣସି ପରିସ୍ଥିତିରେ ଦିବ୍ୟାଙ୍ଗ ମାନଙ୍କୁ ଯେକୌଣସି କ୍ଷେତ୍ରରେ ? ଅବହେଳା କରିବା ଉଚିତ୍ ନୁହେଁ, ସେମାନଙ୍କୁ ଉତ୍ତମ ବ୍ୟବହାର ମିଳାମିଶା ଦ୍ୱାରା ସେମାନଙ୍କର ମନୋବଳ ଦୃଢ଼ ହୋଇପାରିବ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ? ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ଯେତେ ପ୍ରୋତ୍ସାହିତ କରିବା, ସେମାନେ ସେତିକି ଆଗକୁ ବଢ଼ିପାରିବେ।ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ସ୍ୱତନ୍ତ୍ର ଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।


ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ମୋ: ୬୩୭୦୨୦୮୪୨୮




## ସାଧାରଣ ସ୍ୱାସ୍ଥ୍ୟ ଓ ଭେଷଜ ତତ୍ତ୍ୱାବଧାନ

### ଶ୍ୟାମ ସୁନ୍ଦର ସାମଲ

ଦିନକୁ ଦିନ ମଣିଷର ସ୍ୱାସ୍ଥ୍ୟ ବ୍ୟବସ୍ଥା ଯେତିକ ଆହ୍ୱାନଭରା ହେଉଛି ସେତିକ ବ୍ୟୟ ବହୁଳ ଏବଂ ମଣିଷର ସ୍ୱାସ୍ଥ୍ୟକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ ଚାଲୁ ରହିଛି। କୋଭିଡ଼ ମହାମାରୀ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏପରି ଚିତ୍ର ରଖିଦେଲା ଯେ ତାହା ଯୁଗ ଯୁଗ ପାଇଁ ଆମ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ଆମେ ସମସ୍ତେ ଭଲ ଭାବେ ଜାଣିଛେ ଯେ ଆମ୍ଭ ମାନଙ୍କର ସ୍ୱାସ୍ଥ୍ୟ ହେଉଛି ଅମୂଲ୍ୟ ଏବଂ ଏହା ସବୁଠାରୁ ମୂଲ୍ୟବାନ। ତଥାପି ଆମ୍ଭେମାନେ ସ୍ୱାସ୍ଥ୍ୟକୁ ଅଣଦେଖା କରୁଛେ ଏବଂ ସ୍ୱାସ୍ଥ୍ୟ ବିଗିଡ଼ି ଯିବା ପରେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରଙ୍କ ଶରଣାପନ୍ନ ହେବାକୁ ବାଧ ହେଉଛେ। ତେବେ ଅନେକ ହୁଏତ ଜାଣିନଥିବେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରଙ୍କ ପରେ ଯାହାଙ୍କ ସ୍ଥାନ ଆସିଥାଏ ସିଏ ହେଉଛନ୍ତି ଫାର୍ମାସିଷ୍ଟ ବର୍ଗର ବା ଯେଉଁମାନଙ୍କୁ ଭେଷଜ ତତ୍ତ୍ୱାବଧାରକ କୁହାଯାଏ। ସେମାନଙ୍କର ଗୁରୁ ଦାୟିତ୍ୱ ଅନେକ ଜାଣିନଥିବେ। ନିକଟରେ ତେଷଠିତମ ଜାତୀୟ ଫାର୍ମାସି ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଫାର୍ମାସୀ ଅଫିସର ଆସୋସିଏସନ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଟକ ଶାଖା ତରଫରୁ ମେଗା ରକ୍ତଦାନ ଶିବିର ଓ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ମୁର୍ମୁଷୁ ମାନଙ୍କୁ ବଞ୍ଚିବାର ରାସ୍ତା ଦେଖାଉଥିବା ଫାର୍ମାସିଷ୍ଟ ଭାଇଭଉଣୀମାନେ ଏଥିରେ ସାମିଲ ହୋଇ ତିରିଶ ୟୁନିଟ ରକ୍ତଦାନ ମଧ କରିଥିଲେ। ମେଡ଼ିକାଲ କଲେଜ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶାଖା ସମ୍ପାଦକ ସୁଧାଂଶୁ ଶେଖର ବାରିକ ପୌରହିତ୍ୟ କରିଥିଲେ। ଶଲ୍ୟ ବିଭାଗ ଲେକଚରର ହଲରେ ଏକ ଆଲୋଚନାଚକ୍ରରେ ମେଡ଼ିକାଲ କଲେଜରେ ଡିନ୍, ପ୍ରିନ୍ସିପାଲ ଓ ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବରେ ଉପଅଧୀକ୍ଷକ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକ, ପ୍ରଫେସର ଡାକ୍ତର ଜୟନ୍ତ କୁମାର ବିଶ୍ୱାଳ, ବିତ୍ତ ଅଧିକାରୀ ମାନସ ପାତ୍ର, ଫାର୍ମାସୀ କଲେଜର ଅଧକ୍ଷ ଡାକ୍ତର ଏନ.ସରୋଜକାନ୍ତ ଚୌଧୁରୀ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଫାର୍ମାସୀ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଜାଣିବା ଓ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଭେଷଜ ତତ୍ତ୍ୱାବଧାରକ ସମାଜସେବୀ ସାରଦା ପ୍ରସନ୍ନ ବେହେରା, ରାଧାମାଧବ ଚୌଧୁରୀ, ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ଅନ୍ତୁ ମୁର୍ମୁ, ଶ୍ରୀମତୀ ନଳିନୀ ସାହୁ, ସ୍ନିଧାଶ୍ରୀ ବାରିକ, ସୁଜାତା ନାୟକ, ରଶ୍ମୀତା ରାଉତ ପ୍ରମୁଖ ସଭ୍ୟସଭ୍ୟା ପରିଚାଳନା କରିଥିଲେ। ବିକାଶ ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କାର୍ତ୍ତିକ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଦିନକୁ ଦିନ ଅନେକ ଗବେଷଣା ଚାଲୁ ରହୁଥିବାବେଳେ ଭେଷଜ ତତ୍ତ୍ୱାବଧାନ ମଧ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଯାବତ ଲୋକମାନଙ୍କ ମଧ୍ୟରେ ଭଲ ଭାବେ ସମ୍ଭବତଃ ଗ୍ରହଣୀୟ ହୋଇପାରି ନାହିଁ। ଜାତୀୟ ଫାର୍ମାସି ସପ୍ତାହ ପାଳନ ଅବସର କେବଳ ଏକ କ୍ୟାଲେଣ୍ଡର ଦିନଟିଏ ନ ହେଉ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ରହିଛି। ଆମ୍ଭ ମାନଙ୍କ ଭିତରୁ ଅନେକ କର୍ତ୍ତବ୍ୟନିଷ୍ଠ, ସାଧୁତା ଓ ଶାଳୀନତା ବ୍ୟବହାର ପ୍ରଦର୍ଶନ ପୂର୍ବକ ନିତିଦିନିଆ ଜୀବନରେ ମୁର୍ମୁଷୁ ରୋଗୀ ମାନଙ୍କ ପାଇଁ ଆଦର୍ଶର ପ୍ରତୀକ ହେଉଥିବା ଅନେକ ଫାର୍ମାସିଷ୍ଟ ଭାଇଭଉଣୀ ରହିଛନ୍ତି ଯେଉଁମାନେ ସରକାରଙ୍କ ନାଲିଫିତାର ଚାପ ଭିତରେ ଅନେକ ଅବହେଳାର ଶିକାର ହେଉଥିଲେ ମଧ ସେମାନଙ୍କର ନ୍ୟାର୍ଯ୍ୟ ଦାବୀ ଓ ହକ ଯଥାର୍ଥ ସମୟରେ ମିଳିପାରି ନଥାଏ। ବର୍ଷ ବର୍ଷ ଧରି ସେମାନେ ଅନେକ ଅଭାବ ଅସୁବିଧାକୁ ସାମ୍ନା କରୁଥିଲେ ମଧ ପ୍ରଶାସନର ନଜରକୁ ସେମାନେ ଆସିପାରି ନଥାନ୍ତି। ସେମାନଙ୍କ ଭଲ କାମ ପାଇଁ ପ୍ରୋତ୍ସାହନ ଓ ପ୍ରେରଣା ଠିକ ସମୟରେ ମିଳିପାରି ନଥାଏ। ସେମାନଙ୍କ ଜୀବନରେ ଏପରି ସମୟ ଆସିଥାଏ ସେମାନେ ନିଜ ଘର ପରିବାରକୁ ମଧ ସଠିକ ଭାବେ ନା ସମୟ ଦେଇପାରିଥାନ୍ତି ନା ଅର୍ଥ ଦେଇ ପାରିଥାନ୍ତି। ଚିକିତ୍ସା ବ୍ୟବସ୍ଥା ଭିତରେ ଡାକ୍ତରଙ୍କ ପରେ ସବୁଠାରୁ ଗୁରୁଦାୟିତ୍ୱ ଏହି ଫାର୍ମାସିଷ୍ଟ ମାନଙ୍କ ଉପରେ ନ୍ୟସ୍ତ ଥାଏ। କାରଣ ଡାକ୍ତରଙ୍କ ତଦାରଖ ପରେ ମୁର୍ମୁଷୁ ଜଣଙ୍କ ୨୪ ଘଣ୍ଟିଆ ଅହର୍ନିଶ ଭାବେ ଜଣେ ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଗ୍ରହଣ କରିଥାଏ। ଏ କ୍ଷେତ୍ରରେ ଆମ୍ଭ ମାନଙ୍କର ଫାର୍ମାସିଷ୍ଟ ଭାଇଙ୍କ ଉପରେ ବିଶ୍ୱାସ ଓ ଭରଷା ରହିବା ସହ ନିଜେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଚେତନ ହୋଇ ସରକାର ଓ ପ୍ରଶାସନକୁ ସହାୟତାର ହାତ ବଢ଼ାଇବା ଉଚିତ। ଯାହାଦ୍ୱାରା ଜଣେ ମୁର୍ମୁଷୁ ଜୀବନ ଫେରି ପାଇବା ସହ ଏ କ୍ଷେତ୍ରରେ ନିୟୋଜିତ ହୋଇଥିବା ଫାର୍ମାସିଷ୍ଟ ମାନଙ୍କ ସେବା ଦାୟିତ୍ୱକୁ ମଧ ଭଲ ଭାବେ ବୁଝିବାର ଭାବନା ଯେପରି ସମସ୍ତଙ୍କ ଭିତରେ ଉଦ୍ରେକ ହୋଇପାରିବ ଏହି ଚିନ୍ତାଧାରା ଅନୁପ୍ରେରଣା ଯୋଗାଇଲେ ଜାତୀୟ ଫାର୍ମାସି ସପ୍ତାହର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ବୃଦ୍ଧି ପାଇପାରିବ।


ବିଡ଼ାନାସୀ ବନ୍ଧଛକ, କଟକ
ମୋ: ୯୭୭୮୬୩୫୯୨୬





## ଅଭୁଲା ସପନ

### ସୁଧାକର ରାଉତ



ବଶୀକରଣ ବିଦ୍ୟା ତ
ଜଣାନାହିଁ ମୋତେ
କିପରି ବଦଳାଇବି ଅଧୁରା କାହାଣୀକୁ
ଦେଇ ପୂର୍ଣ୍ଣଛେଦ ସତେ ।
କାମନା ବାସନାର ନୀଳକୁଣ୍ଡରେ ପଡ଼ି
ସାଜିଛି ନୀଳବର୍ଣ୍ଣ ଶୃଗାଳ
ଭୁଲିଛି ନିଜର ନୈସର୍ଗିକ ସତ୍ତା
ଆଉ ଜନ୍ମ ଜାତକ ର ମୂଳ ।
ଦିବା ରାତ୍ରି ଉଜାଗର ରହି
ଯାଇଥିଲି ପାପ ସ୍ୱପ୍ନରେ ଭିଜି
ଏବେ ପୁନର୍ଜନ୍ମ ଭାବନାରେ
ଯାଇଛି ମଜି ।
ଶୂନ୍ୟ ଅଗଣାରେ ମନ ନୃତ୍ୟରତ ।
ସାମାନ୍ୟ ନୂପୁର ବି ସଂଗ୍ରହ
କରି ନ ପାରି
ଶେଷରେ ହେବି ପରାହତ ।
ଭାବି ତ ନଥିଲି
ବୁଣିଥିବା ପାପ ମଞ୍ଜି
ବୃକ୍ଷହୋଇ ଦେବେ ବୋଲି ଫଳ ।
ଆଉ ମୋ ଅହମିକା
ତାର ସ୍ୱାଦ ଚାଖି ଚାଖି
ଅଧା ଲେଖା କାହାଣୀକୁ
ଯଥା ସମ୍ଭବ ଶେଷ କରିବ ଲେଖି ।


ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨


## ଦି' ଟୋପା ଲୁହ

### ନୂତନ କୁମାର ବେହେରା



ଜୀବନର ବାଟରେ ଚାଲୁ ଚାଲୁ ସୁଖ ଦୁଃଖ ବାଣ୍ଟି
ଆତ୍ମୀୟତାର ମଧୁର ବନ୍ଧନରେ ବାନ୍ଧି ହୋଇ
ଭବର ଭାବରେ ପରସ୍ପରକୁ ବୁଝି ହୃଦୟର ସହିତ
ହେଉ ଏକାତ୍ମା ସୁଖଦୁଃଖର ସମ୍ପଦରେ...ବିପଦରେ
କେହି କେହି ହୋଇଯାନ୍ତି ନିଜଠୁ ବି ବେଶି ନିଜର
ତାଙ୍କୁ କେବେ ଭୁଲି ହୁଏନା ସ୍ମରଣରେ ...ସ୍ମୃତିରେ
ଓଠରେ ହସ ଦେଖିଲେ ତାଙ୍କର ଆଖି ଯାଏ ପୂରି
ଭଲରେ ଥିବାର ଜାଣିଲେ ମନ ଯାଏ ମାନି
ଏ ମଧୁର ପବିତ୍ର ସଂପର୍କ ତ ଐଶ୍ୱରିକ ଆଶୀର୍ବାଦ
ଅନୁଭବ ହୁଏ... ଅଛି କେତେ କେତେ ଜନ୍ମରୁ
ଏ ସଂପର୍କର ସୀମିତ ପରିଧିରେ ଜୀବନର ଅବଧି
ଆସନ୍ତାକାଲିକୁ ଦେଖିଛି କିଏ ବର୍ତ୍ତମାନ ମୁହୂର୍ତ୍ତ ପରି
ଏକ କ୍ଷଣ ମଧ ଆଗକୁ ଘନ ଅନ୍ଧାରରେ ଥାଏ ଲୁଚି
ହସି ଖେଳି ନାଚି ଗାଉଥିବା ଜୀବନ ଫୁଲଟିଏ
କାଳର ସେ ନିଃଶବ୍ଦ ମାଡ଼ରେ ଅଚାନକ ଯାଏ ଉଡ଼ି
କିଛି ବି କରି ହୁଏ ନାହିଁ ଦେଖୁ ଦେଖୁ ସାମ୍ନାରେ
ଛଳ ଛଳ ଆଖିରୁ ତା' ପାଇଁ ଝରିଯାଏ ଦି' ଟୋପା ଲୁହ
ବାଧା ମାନେ ନାହିଁ... ଛାତି ହୋଇ ଯାଉଥାଏ କୁରି
ଏଇତ ଜୀବନ ପାଣି ଫୋଟକା ସଙ୍ଗେ ସମାନ
ଆପଣାର ଲୋକଟିଏ ଝୁରୁଥାଏ ସେ ଯିବା ଯାଏଁ
ଦୁନିଆଁରେ ଜଳୁଛି କେବଳ ନିଆଁ ଆଉ ନିଆଁ
ଏନ୍ତୁଡ଼ି ଓ ଜୁଇ ନିଆଁର ବ୍ୟବଧାନରେ ଜୀବନ ଧୂଆଁ
ତଥାପି ମଣିଷ ସରଳ ନ ହୋଇ ହେଉଛି ଜଟିଳ
ହିଂସ୍ର କ୍ରୂର ନିଷ୍ଠୁର ଆଚରଣେ ଯେ ସାଜେ ସଇତାନ
ବୁଝେନା କା'ର ମନ କଥା କି ହୃଦୟର ବ୍ୟଥା ବେଦନା
ପଥର ପରି ପାଷାଣ କରି ଛାତି ଦିଏ ଖାଲି ନିର୍ଯାତନା
ଏ ଅସ୍ଥାୟୀ ସଂସାରରେ କିଏ ସେ ରହିବ ଚିରସ୍ଥାୟୀ
ତା'ର ମଧ ଜୀବନ ଡ଼ୋରି କେବେ... ଯେବେ ଯିବ ଛିଡ଼ି
ମଉଳା ଫୁଲ ପରି ଗଛ ଡାଳରୁ ତଳେ ପଡ଼ିବ ଝଡ଼ି
ଜୀବନଟା ଏ ଦୁନିଆଁର ଆଖିରେ ଏମିତି ହେବା ଉଚିତ
ମଲେ ଆତ୍ମୀୟ ଅନ୍ତତଃ ଢ଼ାଳିବ 'ଦି' ଟୋପା ଲୁହ।


କୋହି,ବାରିପଦା,ମୟୂରଭଞ୍ଜ
ମୋ:୮୦୧୮୩୫୩୩୨୨


## ହେମନ୍ତ ଆସିଛି ମରତେ ଧାଇଁ...

### ରାମଚନ୍ଦ୍ର ବେହେରା



ହେମନ୍ତ ଆସିଛି ମରତେ ଧାଇଁ
କି ସୁନ୍ଦର ଲାଗେ ସବୁଜ ମହୀ
ସଫା ଦିଶେ ପରିବେଶ
ନୀଳ ସବୁଜିମା ନାହିଁ ତା' ଉପମା
ହସୁଛି ନୀଳ ଆକାଶ।
ସକାଳର ଖରା ଲାଗେ ମନଲୋଭା
ମନ କିଣିନିଏ ଗୋଧୂଳିର ଆଭା
ଶିଶିର ଆସଇ ହସି
ଘାସ ପତରରେ ଝଲମଲ ଦିଶେ
ମନେ ଭରିଦିଏ ଖୁସି।
ଦିନର ଅବଧି ଗଲାଣି ନଇଁ
ହେମାଳ ବାଆରେ ହସୁଛି ମହୀ
ଲାଗୁଛି ଅଳପ ଶୀତ
ସଂଜ ଓ ସକାଳେ ଘନ କୁହୁଡ଼ିରେ
ଦିଶୁ ନାହିଁ ବାଟ ଘାଟ।
ଧାନ ହସିଲାଣି ଦୂର ଗହୀରରେ
ସୁନା ପରି ଦିଶେ କଅଁଳ ଖରାରେ
ନୂଆ ଆଶା ମନେ ଜାଗେ
ପୂର୍ଣ୍ୟ ମଗୁଶିରେ ପଦ୍ମଜା ଆସନ୍ତି
ଶଂଖ ହୁଳହୁଳି ଶୁଭେ।
ହେମନ୍ତ ପରଶେ ବଢଇ ରାତି
ପ୍ରାତଃ ଭ୍ରମଣରେ ସର୍ବେ ଯାଆନ୍ତି
ଗାଆଁ ନଈପଠା ଧାରେ
ସୋରିଷ ଫୁଲର କମନୀୟ କାନ୍ତି
ପରାଣୁ ବିଷାଦ ହରେ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସଂସଦରେ ହଟ୍ଟଗୋଳ: ଉତ୍ତରଦାୟୀ ହେବା ଆବଶ୍ୟକ



**ଗୋପାଳ ମହାପାତ୍ର**

**ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି। ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧିଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ବିରୋଧି ଦଳ ମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି। ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୂର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ।**

ଲୋକସଭା ହେଉ ବା ରାଜ୍ୟସଭା ଅଥବା ରାଜ୍ୟମାନଙ୍କର ବିଧାନସଭାର ଅଧିବେଶନରେ ସାଧାରଣ ଜନତା ଏବଂ ଦେଶ ରାଜ୍ୟର ବିକାଶ ବାବଦରେ ଆଲୋଚନା ହେବା କଥା। କିନ୍ତୁ ସଂସଦ ଏବଂ ବିଧାନସଭାର କୌଣସି ବି ଅଧିବେଶନ ବିନା ହଟ୍ଟଗୋଳରେ ଚାଲୁନାହିଁ। ସଂସଦ ଓ ବିଧାନସଭାର ଅଧିବେଶନରେ ହୋ ହାଲ୍ଲା ହଟ୍ଟଗୋଳ ଏବେ ଏକ ଦୁଷ୍ଟାଭାବି ପରମ୍ପରାରେ ପରିଣତ ହୋଇଗଲାଣି। ଏହି ଅବସ୍ଥାର ପରିବର୍ତ୍ତନ ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଯେଉଁ ସଦନରୁ ଲୋକଙ୍କୁ କିଛି ମିଳିବା କଥା ତାହା ହଟ୍ଟଗୋଳ କାରଣରୁ ମିଳି ପାରୁନାହିଁ। ହୋହାଲ୍ଲା ହଟ୍ଟଗୋଳ କାରଣରୁ କାହାରି କିଛି ଲାଭ ହେଉନାହିଁ ବରଂ କ୍ଷତି ହେଉଛି। ବିଡ଼ମ୍ବନା ଯେ ହଟ୍ଟଗୋଳ କୁ ନିଜର ବିଜୟ ଭଳି ପ୍ରସ୍ତୁତ କରଯାଉଛି। ଲୋକସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ଅଧିବେଶନ ବେଳେ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିବା ଏକ ରାଜନୈତିକ ସ୍ୱଭାବ ପାଲଟିଗଲାଣି। ଯେତେବେଳେ ଯେଉଁ ଦଳ ବିପକ୍ଷରେ ରହୁଛି ସିଏ ହୋ ହାଲ୍ଲା କରିବା ପାଇଁ ପସନ୍ଦ କରୁଛି। କଂଗ୍ରେସ ସରକାରରେ ଥିବା ବେଳେ ବିଜେପି ସମେତ ଅନ୍ୟ ବିରୋଧି ଦଳମାନେ ହୋ ହାଲ୍ଲା କରୁଥିଲେ ଓ ଏବେ ବିଜେପି ସରକାରରେ ଥିବା ବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ହୋହାଲ୍ଲା କରୁଛନ୍ତି। ଏହି ହୋହାଲ୍ଲା ପାଇଁ ସରକାରୀ ଦଳ ଓ ବିରୋଧି ଦଳଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କାରଣ ଅଧିବେଶନ ଓ ଅଧିବେଶନରେ ଭାଗ ନେଉଥିବା ଜନପ୍ରତିନିଧି ମାନଙ୍କ ଖର୍ଚ୍ଚ ବାବଦ ଅର୍ଥ ଦେଶର ଟିକସଦାତାଙ୍କ ପକେଟରୁ ହିଁ ଯାଇଥାଏ।

ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ (ବିରୋଧିଦଳ) ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି। ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧିଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ବିରୋଧି ଦଳ ମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି। ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୂର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏବେର ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତଙ୍କୁ ଜଣାଥିଲା ଯେ ମଣିପୁର ଏବଂ ଆଦାନୀ ପ୍ରସଙ୍ଗ ସହ ସମ୍ଭଲ ପ୍ରସଙ୍ଗ ମଧ୍ୟ ବିରୋଧିଙ୍କ କାର୍ଯ୍ୟସୂଚୀରେ ଆସିବ। ଏ ପ୍ରସଙ୍ଗ ମଧ୍ୟ ବିରୋଧିଦଳର କାର୍ଯ୍ୟସୂଚୀରେ ରହିବା ଉଚିତ୍, କିନ୍ତୁ ଏଥିପାଇଁ କ'ଣ ଲୋକଙ୍କ ସମସ୍ୟା ସହ ଜଡ଼ି?ତ ପ୍ରସଙ୍ଗକୁ ଚୟନ କରାଯିବ ନାହିଁ କି? ସରକାର କ'ଣ ଏସବୁ ପ୍ରସଙ୍ଗର ଉତ୍ତର ଦେବେ ନାହିଁ? ଦେଶରେ ବେରୋଜଗାରୀ, ଦରଦାମବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ସହରୀକରଣ ସମେତ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବ୍ୟାପକ ବିଚାର ବିମର୍ଷ ହେବା ଆବଶ୍ୟକ। କିନ୍ତୁ ବିରୋଧିଦଳ ଏସବୁ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ପାଇଁ ଗୁରୁତ୍ୱ ଦେଉ ନାହାଁନ୍ତି କାହିଁକି ସେ କଥା ଜଣାପଡୁନାହିଁ। ବିରୋଧି ହଟ୍ଟଗୋଳ କରି ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରାଉଛନ୍ତି ହେଲେ ଏମିତି କରି ଲୋକଙ୍କ ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ କେତେ ସକ୍ଷମ ହେଉଛନ୍ତି ସେକଥା ସମୟ ହିଁ କହିବ। ସବୁ ରାଜନୈତିକ ଦଳ ଏବଂ ଜନପ୍ରତିନିଧି ଜାଣନ୍ତି ଯେ ଜନତା ହୋହାଲ୍ଲା ନୁହେଁ ରାଷ୍ଟ୍ରୀୟ ମହତ୍ୱ ଥିବା ପ୍ରସଙ୍ଗରେ ସରକାରଙ୍କ ଉତ୍ତର ଚାହାଁନ୍ତି। ସଂସଦରେ ହୋହାଲ୍ଲା କରୁଥିବା ବିରୋଧି ଏ ବାବଦରେ ବିଚାର କରିବା ଆବଶ୍ୟକ। ଶାସକ ଦଳ ମଧ୍ୟ ସଂସଦ କେମିତି ଠିକ୍ ଭାବରେ ଚାଲିବ ସେକଥା ଦେଖିବା ଉଚିତ। ଏଥିପାଇଁ ବିରୋଧି ଦଳ କେମିତି ସରକାରଙ୍କ ଉପରେ ଭରଷା କରିପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେମିତି ଆଲୋଚନା ହୋଇପାରିବ ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ଶାସକ ଓ ବିରୋଧିଙ୍କ ମଧ୍ୟରେ କଟୁତା ଦୂର ହେବା ଉଚିତ ଓ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଶାସକ ଓ ବିରୋଧି ଓ ଭୟେ ଉଭୟଙ୍କୁ ଆଦର ସମ୍ମାନ କରିବେ।

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହ ହୋହାଲ୍ଲା ଯୋଗୁଁ ବାଧିତ ହୋଇଛି। ଏମିତି ହେବ ବୋଲି ମଧ୍ୟ ଆଗରୁ ଜଣାଥିଲା କାରଣ କଂଗ୍ରେସ ଏବଂ କିଛି ଅନ୍ୟଦଳ ମାନେ ଆଦାନୀ ପ୍ରକରଣ, ମଣିପୁରହିଂସା ସମେତ ଅନ୍ୟ କେତେକ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହିସାରିଥିଲେ। ଏଥିରେ ସମ୍ଭଲରେ ଘଟିଥିବା ହିଂସାକାଣ୍ଡ ପ୍ରସଙ୍ଗ ମଧ୍ୟ ଯୋଡି ହୋଇଗଲା। ଆଦାନୀ ପ୍ରସଙ୍ଗ କିଛି ଦିନ ପୂର୍ବରୁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ଥିଲା। ଏହା ହୁଏତ ଦୁର୍ଭାଗ୍ୟ ହୋଇପାରେ ଯେ ଅଧିବେଶନ ପୂର୍ବରୁ ଏଭଳି ସମ୍ବେଦନଶୀଳ ମାମଲା ସାମନାକୁ ଆସିଯାଉଛି। ଅତୀତରେ ପେଗାସେସ ଗୁଇନ୍ଦା କାଣ୍ଡ ଏବଂ ଆଦାନୀ ଗ୍ରୁପ୍ ବାବଦରେ ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟ ସଂସଦ ଅଧିବେଶନ ପୂର୍ବରୁ ଆସିଥିଲା।

କଂଗ୍ରେସ ଏବଂ ଅନ୍ୟ ବିରୋଧି ଦଳମାନେ ଅଚାନକ ଆସୁଥିବା ଏ ଭଳି ପ୍ରସଙ୍ଗକୁ ହାତଛଡା କରିବେ ବା କରିଥାନ୍ତେ କେମିତି? କିନ୍ତୁ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନରୁ ଜନତା ଏବଂ ଦେଶକୁ କ'ଣ ମିଳିଲା ତାର ଉତ୍ତର ଶାସକ ଦଳ ବା ବିରୋଧି କେହି ଦେଇ ପାରିବେ ନାହିଁ। ସଂସଦରରେ ଲୋକଙ୍କ ସମସ୍ୟା ଉତ୍ଥାପନ କରାଯାଉନାହିଁ କାହିଁକି? ଏକଥା ନୁହେଁ ଯେ ବିରୋଧିଦଳ ପକ୍ଷରୁ ଜନଜୀବନ ସହ ଜଡିତ ପ୍ରସଙ୍ଗ ଉଠାଇବା ପାଇଁ ପ୍ରୟାସ କରାଯାଉ ନାହିଁ। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ମୋଦୀ ସରକାର ବିପକ୍ଷ ମୁକ୍ତ ସଂସଦ ଚାହୁଁଛନ୍ତି ଯେଉଁଥିପାଇଁ ବିରୋଧି ମାନେ ଏପରି କରିବାକୁ ଏକପ୍ରକାର ବାଧ ହେଉଛନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମାନଙ୍କ ମତ।

ସଂସଦର ଗୋଟିଏ ଦିନର ଅଧିବେଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ସେବାବଦରେ ସମସ୍ତେ ଜାଣିବା ଉଚିତ୍। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନେତା ମାନେ ସଂସଦରେ ହଟ୍ଟଗୋଳ କରି ଦେଶର ଅର୍ଥ ଅର୍ଥ ବ୍ୟବସ୍ଥାକୁ ଦୁରୁସ୍ତ କରୁଛନ୍ତି ବୋଲି ମଧ୍ୟ କୁହାଯାଇ ପାରିବ। ସଂସଦରେ ହଟ୍ଟଗୋଳ କାରଣରୁ ସଂସଦ ଚାଲିନପାରିବାରୁ ଅଧିବେଶନର ପ୍ରତି ମିନିଟ ପାଇଁ ବ୍ୟୟ ହେଉଥିବା ଅଢ଼େଇ ଲକ୍ଷ ଟଙ୍କା ନଷ୍ଟ ହେଉଛି। ଅର୍ଥାତ୍ ସଂସଦର ଅଧିବେଶନ ବେଳେ ପ୍ରତିମିନିଟ ପାଇଁ ଅଢେଇଲକ୍ଷ ଟଙ୍କା ବ୍ୟୟ ହୋଇଥାଏ ଓ ଏହି ବ୍ୟୟ ବାବଦ ଅର୍ଥ ହେଉଛି ଦେଶର ଟିକସଦାତା/ ଜନତାଙ୍କ ଅର୍ଥ। ଏଣୁ ସଂସଦ ନଚାଲିବାରୁ ପ୍ରତିମିନିଟରେ ଲୋକଙ୍କର ଅଢେଇଲକ୍ଷଟଙ୍କା ବରବାଦ ହେଉଛି ଅର୍ଥାତ୍ ପ୍ରତି ଘଣ୍ଟାରେ ଦେଢ଼ କୋଟି ଖର୍ଚ୍ଚ ହୋଇ ଯାଉଛି କିନ୍ତୁ ଫଳ ଶୁନ୍। ଏଣୁ ଶାସକ ଓ ବିରୋଧି ନିଜର ଉତ୍ତରଦାୟୀତ୍ୱ ସ୍ଥିର କରିବା ଆବଶ୍ୟକତା ରହିଛି ଲୋକ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି ଏଣୁ ସାବଧାନ ହେବା ଉଚିତ୍।


+ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪


# ଶୀତଦିନେ ଗରମ ପାଣିରେ ଗାଧୋଇବା ଠିକ୍, ନା ଭୁଲ୍?



ପ୍ରଥମେ ଆମେ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀରକୁ କି କି ଉପକାରିତା ମିଳିଥାଏ ଜାଣିବା। ରିପୋର୍ଟ ଅନୁସାରେ, ଶୀତଦିନେ ଗରମ ପାଣିରେ ଗାଧୋଇଲେ ଆରାମ ମିଳିଥାଏ ଏବଂ ଚାପ କମିଯାଏ। ଏହା ମାନସିକ ଥକାପଣକୁ ଦୂର କରିଥାଏ ଏବଂ ଶରୀରକୁ ଆରାମ ଦେଇଥାଏ। ମାନସିକ ଚାପ ଏବଂ ଚାପପୂର୍ଣ୍ଣ କାର୍ଯ୍ୟ ଦେଇ ଗତି କରୁଥିବା ଲୋକଙ୍କ ପାଇଁ ଏହା ବିଶେଷ ଲାଭଦାୟକ। ଏହା ବ୍ୟତୀତ, ଗରମ ପାଣିରେ ଗାଧୋଇବା ଦ୍ୱାରା ମାଂସପେଶୀ ଚାପ ମଧ୍ୟ କମିଯାଏ। ଗରମ ପାଣିରେ ସ୍ନାନ କଲେ ରକ୍ତ ସଞ୍ଚାଳନ ମଧ୍ୟ ବୃଦ୍ଧି ପାଇଥାଏ। ଏହା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ଯୋଗାଣକୁ ବଢାଇଥାଏ, ଯେଉଁ କାରଣରୁ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ଶରୀରର ଟିସୁ ଏବଂ ଅଙ୍ଗରେ ସଠିକ୍ ଭାବରେ ପହଞ୍ଚିପାରେ। ଶୀତଦିନେ ଶରୀରର ଥଣ୍ଡା ଅଂଶକୁ ଗରମ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯଦିଓ ଜଣେ ବ୍ୟକ୍ତିର ମାଂସପେଶୀ ଯନ୍ତ୍ରଣା କିମ୍ବା ଷ୍ଟ୍ରେନ୍ ସମସ୍ୟା ଥାଏ, ତେବେ ଗରମ ପାଣିରେ ଗାଧୋଇବା ଉପକାରୀ ହୋଇପାରେ। ଏହା ଏକ ସ୍ୱା ଚିକିତ୍ସା ପରି କାମ କରେ। ଯଦି ଉଷୁମ ପାଣିରେ ସ୍ନାନ କରନ୍ତି, ତେବେ ଚର୍ମକୁ ଆରାମ ମିଳିଥାଏ। ଚର୍ମରୁ ମଇଳା ମଧ୍ୟ ଦୂର ହୋଇଥାଏ। ଶୀତଦିନେ ଗରମ ପାଣିରେ ଗାଧୋଇବାର ଯେତିକି ଫାଇଦା ଅଛି, ସେତିକି ଅସୁବିଧା ମଧ୍ୟ ରହିଛି। ଅତ୍ୟଧିକ ଗରମ ପାଣି ଚର୍ମର ପ୍ରାକୃତିକ ଆର୍ଦ୍ରତାକୁ ନଷ୍ଟ କରିଦିଏ, ଯାହାଦ୍ୱାରା ଚର୍ମ ଡ୍ରାଏ (ଶୁଖିଲା) ହୋଇଯାଏ। ଏହା ଚର୍ମରେ ଜ୍ୱଳନ, କୁଞ୍ଚନ ଏବଂ ଫାଟ ସୃଷ୍ଟି କରିପାରେ। ଯଦି ଶୀତଦିନେ ଗରମ ପାଣିରେ ସ୍ନାନ କରନ୍ତି, ତେବେ ଚର୍ମର ଆର୍ଦ୍ରତା ବଜାୟ ରଖିବା ପାଇଁ ମଶ୍ଚରାଇଜର ବ୍ୟବହାର କରିବାକୁ ପଡ଼ିଥାଏ। ଗରମ ପାଣିରେ ସ୍ନାନ କରିବା ଦ୍ୱାରା ଚର୍ମର ଉପର ସ୍ତରରେ ଜ୍ୱଳନ ମଧ୍ୟ ସୃଷ୍ଟି ହୋଇପାରେ, ବିଶେଷ କରି ସେନ୍ସିଟିଭି ସ୍କିନ୍ କ୍ଷେତ୍ରରେ ଏହା ଦେଖାଯାଏ। ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଦ୍ୱାରା ଚର୍ମରେ ଲାଲ ରଙ୍ଗ, କୁଞ୍ଚନ ଏବଂ ଆଲର୍ଜି ହୋଇପାରେ। ଏହା ଚର୍ମର ଅବସ୍ଥାକୁ ଖରାପ କରିପାରେ, ଏକଜେମା ଏବଂ ସୋରିୟାସିସ୍ ଭଳି ସମସ୍ୟାକୁ ବଢାଇଦିଏ। ଏହା ବ୍ୟତୀତ ଗରମ ପାଣିରେ ଗାଧୋଇଲେ ଶରୀରର ତାପମାତ୍ରା ବଢିଯାଏ। ଏହା ଦ୍ୱାରା ରକ୍ତଚାପ ବୃଦ୍ଧି ପାଇପାରେ। ବିଶେଷକରି ଯଦି ରକ୍ତଚାପ ସମସ୍ୟା ଥାଏ, ତେବେ ଗରମ ପାଣିରେ ଗାଧୋଇବା ହୃଦୟ ଏବଂ ରକ୍ତବାହୀ ଉପରେ ଅତିରିକ୍ତ ଚାପ ପକାଇପାରେ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ନିୟମିତ ଭାବେ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀରର ତାପମାତ୍ରା ବୃଦ୍ଧି ହୁଏ। ଫଳରେ ମୁଣ୍ଡ ବୁଲାଇବା, ଥକାପଣ ଏବଂ ଶରୀର ଦୁର୍ବଳ ଲାଗିପାରେ। ଏହା ହୃଦୟ କିମ୍ବା ରକ୍ତଚାପ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ତେଣୁ ସର୍ବଦା ଗାଧୋଉଥିବା ପାଣିର ତାପମାତ୍ରା ଉପରେ ଧ୍ୟାନ ଦିଅନ୍ତୁ। ଶୀତ ଲାଗୁଛି ବୋଲି ଅଧିକ ଗରମ ହୋଇଥିବା ପାଣିରେ ଗାଧୋଇବା ଉଚିତ୍ ନୁହେଁ, କି ଅତ୍ୟଧିକ ଥଣ୍ଡା ପାଣିରେ ମଧ୍ୟ ଗାଧୋଇବା ଭଲ ନୁହେଁ। ତେଣୁ ପାଣିର ତାପମାତ୍ରା ଉପରେ ଧ୍ୟାନ ଦିଅନ୍ତୁ।

# ଦିବ୍ୟ ବିଶ୍ୱାସ



କେବଳ ଦେଶ ଜୟ କରିବା ଥିବା ଭାରତରେ ମୋଗଲ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର୍‌ଙ୍କ ମୁଖ୍ୟ ଲକ୍ଷ୍ୟ। ଭାରତକୁ ସେ ଭଲ ପାଉ ନ ଥିଲେ। ତେବେ ଫର୍ଗଣା, କାବୁଲ ଓ କାନ୍ଦହାର ତୁଳନାରେ ଭାରତ ଅପେକ୍ଷାକୃତ ନିରାପଦ ଥିବାରୁ ସେ ଏଠାରେ ରହିଯାଇଥିଲେ। ତାଙ୍କ ନାତି ଆକବର ସିଂହାସନରେ ବସିବା ବେଳକୁ ପରିସ୍ଥିତି ସମୃଦ୍ଧ ନ ହେଲେ ବି ଦୃଢ଼ ହୋଇସାରିଥିଲା। ଆକବର ଥିଲେ ନିପୁଣ ଶାସକ ଏବଂ କୌଶଳୀ ଯୋଦ୍ଧା। ଭାରତରେ ମୋଗଲ୍ ସାମ୍ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ସଫଳ ହୋଇଥିଲେ; ଏବଂ ସେଥି ପାଇଁ ତାଙ୍କୁ ବିଶେଷ ସମୟ ମଧ୍ୟ ଲାଗି ନ ଥିଲା। ତାହା ପରେ ସେ ସମାଜ ସୁଧାରକ ଓ ଧର୍ମ ସଂସ୍କାରକ ହେବା ଲାଗି ମନ ଚଳାଇଥିଲେ। ଉଲ୍ଲେଖନୀୟ ଯେ, ତାଙ୍କ ସମୟରେ ଧର୍ମଗତ ବିଭେଦ ବ୍ୟାପକ ନ ଥିଲା। ମୋଗଲ୍‌ଙ୍କ ସହ ବିବାହ ଓ ଅନ୍ୟ ସାମାଜିକ ସଂପର୍କ ପ୍ରତିଷ୍ଠା ପାଇଁ ରାଜପୁତମାନେ ଆପତ୍ତି କରୁ ନଥିଲେ। ଧର୍ମାନ୍ତରୀକରଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେହି ଏତେ ଗୁରୁତ୍ୱ ଦେଉ ନଥିଲେ। ତେଣୁ ଆକବର ସେ କାଳର ସମସ୍ତ ମୁଖ୍ୟ ଧର୍ମରୁ କିଛି କିଛି ଆଣି ଏକ ନୂଆ ଧର୍ମ ପ୍ରଚଳନ କରିବା ନିମନ୍ତେ ଆଗ୍ରହୀ ହୋଇଥିଲେ। ଏକ ନୂତନ ଧର୍ମ ପ୍ରଚଳନ ପାଇଁ ଆବଶ୍ୟକ ହେଉଥିବା ଆଧ୍ୟାତ୍ମିକ ସାଧନା ତାଙ୍କଠାରେ ନ ଥିଲେ ସୁଦ୍ଧା ସେ 'ଦିନ୍-ଇ-ଇଲାହି' ଧର୍ମ ସୃଷ୍ଟି କରିଥିଲେ। 'ଦିନ୍-ଇ-ଇଲାହି'ର ଆକ୍ଷରିକ ଅର୍ଥ 'ଦିବ୍ୟ ବିଶ୍ୱାସ'। ଦିନ୍-ଇ-ଇଲାହି' ଧର୍ମାବଲମ୍ବୀମାନେ ନିରାମିଷ ଆହାର, ବିଧବା ବିବାହ ଏବଂ ଅହିଂସାକୁ ସମର୍ଥନ କରୁଥିଲେ। ସେମାନେ ବାଲ୍ୟ ବିବାହ, ସତୀ ପ୍ରଥା, ନିକଟ ସଂପର୍କୀୟଙ୍କ ମଧ୍ୟରେ ବିବାହ ଏବଂ ଏକାଧିକ ବିବାହ ଆଦିକୁ ବିରୋଧ କରୁଥିଲେ। ଆକବରଙ୍କ ଧର୍ମନୀତି ଉଦାର ଥିଲା। ସେ ବଳପୂର୍ବକ ଧର୍ମାନ୍ତରୀକରଣକୁ ସମର୍ଥନ ଦେଉ ନ ଥିଲେ। ତେଣୁ କେବଳ ମୁଷ୍ଟିମେୟ ସମର୍ଥକ ହିଁ ତାଙ୍କ ଧର୍ମକୁ ଗ୍ରହଣ କରିଥିଲେ। ମୁଖ୍ୟତଃ ମୁସଲମାନ୍‌ମାନେ ତାଙ୍କ ଧର୍ମକୁ ଗ୍ରହଣ ନ କରିବାରୁ ତାଙ୍କ ଜୀବଦ୍ଦଶାରେ ହିଁ ସେହି ଧର୍ମର ମୃତ୍ୟୁ ଘଟିଥିଲା।



# ପ୍ରତିଦିନ ପିଲାଙ୍କୁ ଦିଅନ୍ତୁ ଏହି ପାଞ୍ଚଟି ଜିନିଷ: ଚାଣକ୍ୟ ପରି କାମକରିବ ମୁଣ୍ଡ

ଡ୍ରାଏ ଫ୍ରୁଟ୍ସ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ୍ୟ ସାହାଯ୍ୟ କରେ। ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ।

ଡ୍ରାଏ ଫ୍ରୁଟ୍ସ ଏବଂ ନଟ୍ସକୁ ପୋଷକ ତତ୍ତ୍ୱର ପାୱାର୍ ହାଉସ୍ କୁହାଯାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ, ସୁସ୍ଥ ଚର୍ବି ଏବଂ ଡାଏଟାରୀ ଫାଇବର ଥାଏ। ଏହି ସମସ୍ତ ଜିନିଷ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ୍ୟ ସାହାଯ୍ୟ କରେ। କେବଳ ଏତିକି ନୁହେଁ, ଏସବୁ ଖାଇବା ଦ୍ୱାରା ପିଲାମାନଙ୍କର ହାଇପର ଆକ୍ଟିଭିଟି କମ ହୋଇଥାଏ ଏବଂ ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ। ପୁଷ୍ଟି ବିଜ୍ଞାନୀଙ୍କ ମତରେ ୭ରୁ ୯ ମାସର ପିଲାମାନଙ୍କ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ପେଷ୍ଟ ସାମିଲ୍ କରାଯାଇପାରିବ। ପିଲା ୫ ବର୍ଷରୁ କମ ହୋଇଥିଲେ ସେମାନଙ୍କୁ ଏହାସବୁ ଛୋଟ ଛୋଟ ଖଣ୍ଡ ଆକାରରେ ଦେଇହେବ। ନଚେତ ସେମାନଙ୍କ ତଣ୍ଟିରେ ଲାଗିପାରେ।

୫ ବର୍ଷରୁ ଅଧିକ ପିଲାମାନଙ୍କ ପାଇଁ, ଆପଣ ସେମାନଙ୍କୁ ଖାଦ୍ୟରେ ଭଜା କିମ୍ବା ଅନ୍ୟ ସ୍ନାକ୍ସ ଆକାରରେ ଅନ୍ତର୍ଭୁକ୍ତ କରିପାରିବେ। ଯଦି ଆପଣ ଏହି ଡ୍ରାଏ ଫ୍ରୁଟ୍ସକୁ ପିଲାଦିନରୁ ପିଲାମାନଙ୍କର ଖାଦ୍ୟରେ ଅନ୍ତର୍ଭୁକ୍ତ କରନ୍ତି, ତେବେ ସେମାନଙ୍କର ମସ୍ତିଷ୍କ ଖୁବ୍ ଶୀଘ୍ର ବିକାଶ ହୋଇପାରେ।





<u>ବାଦାମ:</u> ବାଦାମରେ ଫସ୍‌ଫରସ୍ ଭରପୂର ଥାଏ, ଯାହା ହାଡ ଏବଂ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। ବାଦାମରେ ରାଇବୋଫ୍ଲାଭିନ୍ ଏବଂ ଏଲ୍-କାର୍ନିଟିନ୍ ଥାଏ ଯାହା ମସ୍ତିଷ୍କକୁ ଶୀଘ୍ର ବିକାଶରେ ସାହାଯ୍ୟ କରିଥାଏ। ଏହା ଫାଇବରରେ ମଧ୍ୟ ଭରପୂର, ଯାହା ଖାଦ୍ୟ ଅବଶୋଷଣରେ ସାହାଯ୍ୟ କରିଥାଏ।

<u>ଅଖରୋଟ୍:</u> ଅଖରୋଟ୍ ଓମେଗା-୩ ଫ୍ୟାଟି ଏସିଡ୍‌ର ଏକ ବଡ ଉତ୍ସ ଯାହା ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରେ। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍, ପୋଟାସିୟମ୍ ଏବଂ ଜିଙ୍କ୍ ପରି ଖଣିଜ ପଦାର୍ଥ ମଧ୍ୟ ରହିଥାଏ ଯାହା ମସ୍ତିଷ୍କକୁ ଅନେକ ଉପାୟରେ ଉପକାର କରିଥାଏ।

<u>ପିସ୍ତା:</u> ପିସ୍ତାରେ ଭିଟାମିନ୍ ଏ, ସି, ଇ, ଥିଆମିନ୍, ରିବୋଫ୍ଲାଭିନ୍, ନିୟାସିନ୍, ପାଣ୍ଟୋଥେନିକ୍ ଏସିଡ୍, ପାଇରିଡୋକ୍ସିନ୍ ଏବଂ ଫୋଲେଟ୍ ଭଳି ଅତ୍ୟାବଶ୍ୟକ ଭିଟାମିନ୍ ଥାଏ ଯାହା ମସ୍ତିଷ୍କ ପାଇଁ ଖୁବ ଲାଭଦାୟକ। ଏସବୁ ଖାଇବା ଦ୍ୱାରା ଏକାଗ୍ରତାରେ ସାହାଯ୍ୟ କରେ ଏବଂ ସ୍ମୃତିରେ ଉନ୍ନତି ଆଣେ।

<u>କାଜୁ:</u> ମସ୍ତିଷ୍କ ବିକାଶ ପାଇଁ କାଜୁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଲ୍ୟୁଟିନ୍ ଏବଂ ଜେକ୍ସିନ୍ ?ଥିନ୍ ପରି ଉଚ୍ଚ ସ୍ତରର ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆଖିକୁ ସୁରକ୍ଷା ଦେଇଥାଏ। ଏହା ମଧ୍ୟ ମ୍ୟାଗ୍ନେସିୟମରେ ଭରପୂର ଯାହା ହାଡର ବିକାଶରେ ସହାୟକ ହୋଇଥାଏ।

<u>ଡ୍ରାଏଡ୍ ଆପ୍ରିକଟ୍:</u> ଡ୍ରାଏଡ୍ ଆପ୍ରିକଟରେ ପ୍ରଚୁର ପରିମାଣର ଡାଏଟାରୀ ଫାଇବର, ପୋଟାସିୟମ୍, ନିୟାସିନ୍, ଆଇରନ୍ ଏବଂ ଭିଟାମିନ୍ ଇ ଥାଏ ଯାହା ପିଲାର ମାନସିକ ଏବଂ ଶାରୀରିକ ବିକାଶ ପାଇଁ ଜରୁରୀ ହୋଇଥାଏ। ଏହା ଆଖିକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

# ସେଲ ରାଉରକେଲା ଇସ୍ପାତ କାରଖାନା ଆୟୋଜିତ କବି ସମ୍ମିଳନୀରେ ସହରବାସୀଙ୍କ ମନ ମୋହିଲେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରୀୟ କବି



ରାଉରକେଲା, ୦୩/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଲୋକସମ୍ପର୍କ-ରାଜଭାଷା ୟୁନିଟ ଆନୁକୂଲ୍ୟରେ ନଭେମ୍ବର ୧ ତାରିଖରେ ସିଭିକ୍ ସେଣ୍ଟର ଠାରେ ଆୟୋଜିତ କବି ସମ୍ମିଳନୀ 'କବିତାଞ୍ଜଳି-୨୦୨୪' ଉପସ୍ଥିତ ବିପୁଳ ଦର୍ଶକଙ୍କ ମଧ୍ୟରେ ହସର ତରଙ୍ଗ, ଖୁସିର ଲହରୀ ଓ ସ୍ମରଣୀୟ ମୂହୁର୍ତ୍ତ ସୃଷ୍ଟି କରିଥିଲା। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ଦ୍ୱାରା ଉଦଘାଟିତ ଏହି କବି ସମ୍ମିଳନୀରେ ଦେଶର କେତେକ ଶ୍ରେଷ୍ଠ କବି ଯଥା ପଦ୍ମଶ୍ରୀ ସୁରେନ୍ଦ୍ର ଶର୍ମା, ପଦ୍ମଶ୍ରୀ ହଳଧର ନାଗ, ଡକ୍ଟର କିର୍ତ୍ତୀ କାଲେ, ଶ୍ରୀ ଯୋଗେନ୍ଦ୍ର ଶର୍ମା, ଶ୍ରୀ ଶମ୍ଭୁ ଶିଖର ଏବଂ ଶ୍ରୀ ରାଜେଶ ଅଗ୍ରୱାଲ ଯୋଗଦେଇଥିଲେ।

ଏହି ଅବସରରେ ଆରଏସପି କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ସିଆଇଏସଏଫର ଡ଼ିଆଇଜି ଶ୍ରୀ ରତନ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର ଏବଂ ଶ୍ରୀମତୀ ନମ୍ରତା ବର୍ମା, ମୁଖ୍ୟ ମହାପ୍ରବନ୍ଧକ, କେନ୍ଦ୍ର ତଥା ରାଜ୍ୟ ସରକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ, ଟାଉନ୍ ଅଫିସିଆଲ୍ ଭାଷା କାର୍ଯ୍ୟକାରୀ କମିଟିର ପ୍ରତିନିଧି ତଥା ଗଣମାଧ୍ୟମ ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଭୌମିକ ଲୋକସମ୍ପର୍କ- ରାଜଭାଷା ବିଭାଗର ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରୟାସର ଉଚ୍ଚ ପ୍ରଶଂସା କରିବା ସଙ୍ଗେସଙ୍ଗେ କଳା ଏବଂ ସଂସ୍କୃତିର ପ୍ରୋତ୍ସାହନ ତଥା ପୃଷ୍ଠପୋଷକତା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଆଜିର ଦ୍ରୁତ ଗତିଶୀଳ, ଡିଜିଟାଲ୍ କେନ୍ଦ୍ରିକ ଦୁନିଆରେ କବିତା ସମାବେଶର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମ ପ୍ରଦୀପ ପ୍ରଜ୍ୱଳନ ଓ ପ୍ରଭୁ ଜଗନ୍ନାଥଙ୍କୁ ଭକ୍ତି ଅର୍ଘ୍ୟ ନିବେଦନ ସହିତ ଓଡିଶାର ସାଂସ୍କୃତିକ ସମ୍ମାନର ସ୍ୱର୍ଣ ସହକାରେ ଆରମ୍ଭ ହୋଇଥିଲା। ଏହି ଅବସରରେ ଡ଼ିଆଇସି କବିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମଶ୍ରୀ ସୁରେନ୍ଦ୍ର ଶର୍ମା ତାଙ୍କ ଚିରାଚରିତ ହରିୟାନଭି ଶୈଳୀରେ ବ୍ୟଙ୍ଗରସ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପଦ୍ମଶ୍ରୀ ହଳଧର ନାଗ, ଜୀବନର ଅନୁଭୂତିଗୁଡିକର ସରଳ କିନ୍ତୁ ବ୍ୟଙ୍ଗାତ୍ମକ ଉପସ୍ଥାପନା ସହିତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଡକ୍ଟର ଯୋଗେନ୍ଦ୍ର ଶର୍ମା ମଞ୍ଚରେ ବୀର ରସ ଉପରେ ଆଧାରିତ ତାଙ୍କର ପ୍ରେରଣାଦାୟକ କବିତା ପାଠ କରିଥିଲେ। ଶ୍ରୀ ଶମ୍ଭୁ ଶିଖର ନିଜର ଚତୁର କବିତା ସହିତ ଏକ ବ୍ୟଙ୍ଗାତ୍ମକ ଶୈଳୀରେ ହସର ଲହର ସୃଷ୍ଟି କରିଥିବାବେଳେ ସଂଯୋଜକ ତଥା କବି ଶ୍ରୀ ରାଜେଶ ଅଗ୍ରୱାଲ ବ୍ୟଙ୍ଗରସ ଜରିଆରେ ସମସ୍ତଙ୍କ ମନକୁ ଛୁଇଁଥିଲେ। ଭିନ୍ନଭିନ୍ନ ସ୍ୱାଦର କବିତାର ସମାହାର ପରିବେଷଣ ରାଉରକେଲାବାସୀଙ୍କୁ ବିମୋହିତ କରିଥିଲା ଯେଉଁମାନେ ଅଡିଟୋରିୟମରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହାର ଆନନ୍ଦ ନେଇଥିଲେ ଏବଂ କବିଙ୍କ ସରଜନଶୀଳତା ଓ ଚାତୁରୀର ପ୍ରଶଂସା କରିଥିଲେ। ଲୋକସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଲୋକସମ୍ପର୍କ ରାଜଭାଷା ବିଭାଗର ଏଜିଏମ ସୁଶ୍ରୀ ଲୋଲାଟି ଟପ୍ପୋ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସିଇଡ଼ି ବିଭାଗର ଡ଼ିଜିଏମ ଶ୍ରୀ କେ କେ ଜୟଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ଏବଂ ରାଜଭାଷା ବିଭାଗୀୟ ଦଳ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ



ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ପାଳିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଆଇ.ଏ.ଏସ ପ୍ରୋବେସନର ଶ୍ରୀ ଦୁଧାଲ ଅଭିଷେକ ଦିଲ୍ଲୀପ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଗୋପୀନାଥ ପରିଡା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣାର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ଏହା ପରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଥିଲା ଓ ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ମତପ୍ରକାଶ କରିଥିଲେ ଓ କାର୍ଯ୍ୟକ୍ରମର ପରିଚାଳନା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାରେ ଚାଲିଥିବା ଯୋଜନା ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚସ୍ଥ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ଏବଂ ଏଥି ସହିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ଉପଲକ୍ଷେ ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସୋନପୁର ପଂଚାୟତ ସମିତିଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ସୁବର୍ଣ୍ଣପୁର

ସୁବର୍ଣ୍ଣପୁର, ୦୩/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମ ପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୮ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୧୯ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଦରଖାସ୍ତ ବା ଅଭିଯୋଗ ତୁରନ୍ତ ଶୁଣାଣି ସମୟ ମଧ୍ୟରେ ଫଏସଲା ହୋଇଥିଲା। ଅବଶିଷ୍ଟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ଶ୍ରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତାତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଶ୍ରୀ ଶ୍ରୀମତୀ ସୌମ୍ୟାରୂପା ରଥ, ତହସିଲଦାର, ସୋନପୁର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ,ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ, ଶ୍ରୀ ପ୍ରଭାତ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ, ଆ଼ର୍. ଡବ୍ଲୁ.ଏସ୍. ଏସ୍., ସୁବର୍ଣ୍ଣପୁର, ତପନ ପଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅଚ୍ୟୁତନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ସୁଶ୍ରୀ ଯମୁନା ପଧାନ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ଅର୍ଜୁନ ମାଝୀ, ବିଭିନ୍ନ ଜିଲ୍ଲା, ତହସିଲ ,ବ୍ଲକ ସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ବେକରେ ଗାମୁଛା ଲଗାଇ ଯୁବକର ଆତ୍ମହତ୍ୟା

ଜୟପୁର, ୦୩/୧୨ (ନି.ପ୍ର): ବେକରେ ଗାମୁଛା ଲଗାଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ତ୍ରିପତି ସୁଣ୍ଡା (୨୬)। ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ତ୍ରିପତି ସୁଣ୍ଡା ତାଙ୍କ ଶ୍ୱଶୁର ଘର ଗାଁ କଦମଗୁଡାକୁ ଯାଇଥିଲେ। ଆଜି ସକାଳୁ ୯ଟା ସମୟରେ ନିକଟସ୍ଥ ଆମ୍ବ ଗଛରେ ବେଗରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଖୋଜା ଖୋଜି କରି ଆମ୍ବ ଗଛରେ ଝୁଲୁଥିବା ଦେଖି ଓହ୍ଲାଇ ଥିଲେ। ସେତେବେଳେ ଯୁବକ ଜଣକ ମୃତ୍ୟୁ ବରଣ କରିଥିଲେ। ଏନେଇ ଜୟପୁର ସଦର ପୋଲିସ ସୂଚନା ପାଇ ପହଂଚି ଶବକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ସଇଁତଳା ବ୍ଲକରେ ମଣ୍ଡି ଖୋଲିବାରେ ବିଳମ୍ବକୁ ନେଇ ଅସନ୍ତୋଷ

ବଲାଙ୍ଗିର, ୦୩/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ସଇଁତଳା ସ୍ଥିତ ନୂତନ ସମବାୟ ସମିତି ପ୍ରାଙ୍ଗଣରେ ଏଫ୍ଏକ୍ୟୁମାନର ଧାନ ସଂଗ୍ରହ ନିମନ୍ତେ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଟିଟିଲାଗଡ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଇ ଯୋଗଦାନ କରିଥିବା ବେଳେ କଂଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନୀଳମାଧବ ଆଚାର୍ଯ୍ୟ ଉପସ୍ଥିତ ରହି ଧାନଚାଷୀଙ୍କୁ ସଚେତନ କରିଥିଲେ। ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଦରରେ ବିଭିନ୍ନ ପେକ୍ସ ଓ ଏସଏଚଜି ମାଧ୍ୟମରେ ଏଫଏକ୍ୟୁମାନର ଧାନ କିଣିବା ପାଇଁ ନିଷ୍ପତି ନିଆଯାଇଛି। ଏହା ପୂର୍ବରୁ ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯିବାକୁ ଥିବାବେଳେ ଧାନ ସଂଗ୍ରହ ସମ୍ପର୍କରେ ଉପସ୍ଥିତ ଥିବା ଚାଷୀଙ୍କୁ ବିଭିନ୍ନ ଡେମୋ ପ୍ରଦର୍ଶନ କରିଥିଲେ। ଶିବିରରେ ଉପସ୍ଥିତ ଚାଷୀମାନେ ସେମାନେ ଧାନ ବିକ୍ରି ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ପ୍ରଶାସନ ତରଫରୁ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ୩୦ ପ୍ରତିଶତରୁ ଅଧିକ ଧାନ ଅମଳ କରିସାରି ଅତି କମ୍ ଦରରେ ଅସାଧୁ ବେପାରୀ ଓ ଲାଭଖୋର୍ ଦଲାଲମାନଙ୍କୁ ବିକ୍ରି କରିସାରିଲେଣି ବୋଲି ଅଭିଯୋଗ ହୋଇଥିଲା। ଶହ ଶହ କ୍ୱିଂଟାଲ ଏହି ଧାନକୁ ଅସାଧୁ ବେପାରୀମାନେ ଏବେ ନିଜର ଘରେ ଓ ଗୋଦାମରେ ଲୁଚାଇ ରଖିଥିବା ବେଳେ ମଣ୍ଡି ଖୋଲିଲେ ବିକ୍ରି କରିବାକୁ ମସୁଧା କରୁଥିବା ଚାଷୀମାନେ ଗୁରୁତର ଅଭିଯୋଗ କରିଥିଲେ। ସରକାର ମଣ୍ଡିଗୁଡ଼ିକରେ ପେକ୍ସ୍ ମାଧ୍ୟମରେ ଧାନ କିଣାଯାଉଥିଲେ ମଧ୍ୟ ମିଲର୍ସ ଓ ତାଙ୍କ ଦଲାଲମାନେ ମଣ୍ଡିକୁ ପହଂଚି ସେମାନଙ୍କ ମନମାନୀ କରୁଥିବା, କଟନୀଛଟନୀ ପାଇଁ ମୂଳଚାଲ କରୁଥିବା ଭଳି ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଥିଲେ। ଧାନ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଅଖାବସ୍ତା ଯୋଗାଣ, ଠିକ୍ ସମୟରେ ଧାନ ସଂଗ୍ରହ, ଚାଷୀଙ୍କ ପାସବୁକରେ ଠିକ୍ ସମୟରେ ଉଚିତ୍ ୩୧ ଶହ ଅର୍ଥ ପଇଠ ଭଳି ବିଭିନ୍ନ ଅଭିଯୋଗମାନ ଚାଷୀମାନେ ଅଭିଯୋଗ କରିଥିଲେ। ବ୍ଲକରେ ମଣ୍ଡିଗୁଡ଼ିକ ନଭେମ୍ବର ୧୫ ସୁଦ୍ଧା ଖୋଲିବା କଥା କିନ୍ତୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ବେର୍ଣ୍ଣା, ବାହାଲ ଜମିର ଧାନ ବିକ୍ରି କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀ ନେତା ଉତମ ପଟେଲ, ସରୋଜ ପୁରୋହିତ, ବସନ୍ତ ସାହୁ ଅଭିଯୋଗ କରିଥିଲେ। ଚାଷୀ ସଚେତନତା ଶିବିରରେ ବ୍ଲକ କୃଷକ ସଂଗଠନକୁ ମଧ୍ୟ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ଉଠିଥିଲା। ଏହି ବ୍ଲକର କୁମ୍ଭାରୀ, ବେଲଗାଁ, ଭଦ୍ରା, ସଇଁତଲାର ସମେତ ଅଧିକାଂଶ ପେକ୍ସରେ ସ୍ଥାୟୀ ଅଫିସ କିମ୍ବା ଗୋଦାମ ଗୃହ ନଥିବା ସମେତ ବହୁ ସଂଖ୍ୟକ କର୍ମଚାରୀ ଅଭାବ ରହିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ସମସ୍ତ ମଣ୍ଡିଗୁଡିକରେ ଉନ୍ନତିକରଣ କରାଯିବା ସହିତ ଚାଷୀଙ୍କ ଧାନ ବିକ୍ରି ସମୟରେ ଚାଷୀଙ୍କ ଅଭିଯୋଗକୁ ଧ୍ୟାନ ଦିଆଯିବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ଭୋଇ ପ୍ରତିଶୃତି ଦେଇଥିଲେ। ଏହି ବୈଠକରେ ପେକ୍ସ ସଭାପତି ପ୍ରଭାତ ସିଂ ଭୋଇ, ସତ୍ୟ ନାରାୟଣ ପଣ୍ଡା, ଡ଼ିକି କୁଅର, ଲକ୍ଷେଶ୍ୱର ସାହୁ, ବିକ୍ରମ ବୁଡ଼େକ, ଚାଷୀ ତୁଳସୀ ପ୍ରସାଦ ସାହୁ, ଲେକୃ ପ୍ରଧାନ, ଜୟରାମ ରଣା, ମିନକେତନ ବାରିକ, ପେକ୍ସ ସମ୍ପାଦକ ଗଣେଶ ଭୋଇ, ରୋହିତ ସାହୁ, ଭରତ ବୁଡ଼େକ, ଜୟଚନ୍ଦ୍ର ରଣା, ରଞ୍ଜନ ବେହେରା, ରୋହିତାଶ୍ୱ ତାଣ୍ଡି, ନୀଲାବତୀ ବର୍ଗ, ସରୋଜ କ୍ଷେତି, ଆଦିତ୍ୟ ଭୋଇଙ୍କ ସମେତ ଧାନର ମାନ ନିରୀକ୍ଷକ ଧର୍ମେନ୍ଦ୍ର ନାଗ, ମାନସ ପ୍ରଧାନ, ଆରଏମସି କର୍ମଚାରୀ ଭୁବନେଶ୍ୱର ସାହୁ ଓ ଯୁବରାଜ ସାହୁଙ୍କ ବହୁ ଚାଷୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୦୩/୧୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୧୭ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିରୁ ବ୍ୟକ୍ତିଗତ ୯୧ ଗୋଟି ଓ ସାମୂହିକ ୨୪ ଗୋଟି ରହିଥିବା ବେଳେ ୧୦ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ପିଡିଡୁଡା ମୁନୀନ୍ଦ୍ର ହୋନନାଗା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାଃ. ନିହାରେନ୍ଦ୍ର ପଣ୍ଡା, ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ଥାନୀୟ ତହସିଲଦାର, ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ। ଏହି ଜନଶୁଣାଣି ଶିବିର ର ପରିଚାଳନା ରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାଶ ମହାନନ୍ଦିଆ ସହଯୋଗ କରିଥିଲେ। ଆସନ୍ତା ଡିସେମ୍ବର ୯ ତାରିଖରେ ଗୋଲାମୁଣ୍ଡା ବ୍ଲକରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହେବ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ



ବାରିପଦା, ୦୩/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ପାଳିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ବିଜୟ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଓ ପ୍ରତିଧ୍ୱନି ଘଏଙ୍ଗର ନିର୍ଦ୍ଦେଶକ ଡଃ ଶିରୀଷ ଚନ୍ଦ୍ର ଭୋଳ ପ୍ରମୁଖ ମଞ୍ଚାସୀନ ଥିଲେ। ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶୃତିବଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୂକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀ ସୟ। ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଡଃ ଦାସ ନିଜର ବାର୍ତ୍ତା ରଖିଥିଲେ ଓ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ବେହେରା ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାରେ ଚାଲିଥିବା ଯୋଜନା ଯଥା ପେନ୍ସନ ଯୋଜନା, ଛାତ୍ରବୃତ୍ତି, ଛାତ୍ରଛାତ୍ରୀଙ୍କ ପାଇଁ ଲାପଟପ୍ ଆଦି ଉପରେ ସୂଚନା ପ୍ରଦାନ କରିଥିଲେ।

ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳ ଭିନ୍ନକ୍ଷମ ଦମ୍ପତି ସୁମତି ପୃଷ୍ଟି, ଅଜୟ କୁମାର ପୃଷ୍ଟି ଓ ଲକ୍ଷ୍ମୀନାରାୟଣ ଧୀର ଓ କଂଚନୀ ଭଞ୍ଜ ଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦/- ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଜଣେ ଭିନ୍ନକ୍ଷମ ଛାତ୍ର ଅନୁପମା ବେରାଙ୍କୁ ୪୯,୫୦୦/- ଟଙ୍କା। ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଥାଉ କି, ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ପାଳନ ଅବସରରେ ସକାଳ ଘ. ୯ .୩୦ ସମୟରେ ଏକ ସଚେତନତା ରାଲିର (ୱାକାଥନ) ଆୟୋଜନ କରାଯାଇଥିଲା ଓ ଉଭୟ ସକ୍ଷମ ଓ ଭିନ୍ନକ୍ଷମ ଲୋକଙ୍କୁ ଅନ୍ତର୍ଭୁକ୍ତ କରି ଏହି ରାଲି କଲେକ୍ଟୋରେଟ୍ ପରିସରରୁ ଆରମ୍ଭ ହୋଇ ବାରିପଦା ଷ୍ଟାଡିଅମ ଠାରେ ସମାପ୍ତ ହୋଇଥିଲା ଓ ସେହି ଭଳି ସହିଦ ସ୍ମୃତି ଭବନ ଠାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନେକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଓ ପରିଶେଷରେ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଆଶା ସଂଗଠନରେ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ




ବସ୍ତା , ୦୩/୧୨ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ, ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଆଶା ଫିଜିଓ ଥେରାପି ସେଣ୍ଟରରେ ମଙ୍ଗଳବାର ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ, ଯୁବ ସମାଜ ସେବୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଳ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳନର ମହତ୍ତ୍ୱ ଏବଂ କିମ୍ବଦନ୍ତୀ ମହିଳା ହେଲେନ୍ ଆଦାମ୍ସ କେଲର୍ ଜୀବନରେ ଦିବ୍ୟାଙ୍ଗ ମାନଙ୍କ ପ୍ରତି କରିଯାଇଥିବା ଅନେକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଦିବସ ପାଳନର ଗୁରୁତ୍ୱ ବାବଦରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଥାନୀ ସମବାୟ ସମିତି ସଭାପତି ଶ୍ରୀଯୁକ୍ତ କିଶୋରପାଳ ଅଭିଭାଷଣ ରଖିଥିଲେ। ଦିବ୍ୟାଙ୍ଗ ପିଲା ମାନଙ୍କ ପ୍ରତି ଥିବା ଆନ୍ତରିକତା, ଭଲ ପାଇବା, ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ଆଗକୁ ବଢିପାରିବେ ଭଳି ବହୁ ମର୍ମସ୍ପର୍ଶୀ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭ ବସ୍ତା ପ୍ରେସ୍ କ୍ଲବର ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ଭୁୟାଁ। ପୁଣି ଦିବ୍ୟାଙ୍ଗ ପିଲା ମାନଙ୍କୁ କିପରି ଅଧିକରୁ ଅଧିକ ଗୁରୁତ୍ୱ ଦିଆଯିବ ଏବଂ ଏହି ପିଲାମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ କହିଥିଲେ। ଅନୁଷ୍ଠାନର ଶିକ୍ଷକ ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତୀ, ଗଜେନ୍ଦ୍ର ନାଥ ପ୍ରଧାନ, ସରସ୍ୱତୀ ସାହୁ, ଭକ୍ତ ରଞ୍ଜନ ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ପ୍ରଜ୍ଞା ପ୍ରକାଶ ପାଳ, ସୁମନା ପରିଡା, ଗୋପାଳ ଆଇଚ୍, ରତିକାନ୍ତ ପରିଡା, ଗୌରାଙ୍ଗ ଚରଣ ଦାସ, ଅପର୍ଣ୍ଣା ରାଉତ, ଏଲିନ। ଏଲିଶା ପାଳ, ହେମାଙ୍ଗିନୀ ମକ୍ଷହାର୍ଣ୍ଡା ଓ ଅଞ୍ଜୁରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏବଂ ଶେଷରେ ଶ୍ରୀମତୀ ଅପରାଜିତା ସେନାପତି (ଉପାଧ୍ୟକ୍ଷା)ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭାସାଙ୍ଗ କରାଯାଇଥିଲା।

# ଲାଖବିନ୍ଧା ପ୍ରତିଯୋଗୀତା ମହିଳା ବିଭାଗରେ ଚାମା ମୁର୍ମୁ ଓ ପୁରୁଷ ବିଭାଗରେ ଶିବ ଶଙ୍କର ହେମ୍ବ୍ରମ ଚମ୍ପିୟାନ

ମୟୂରଭଞ୍ଜ, ୦୩/୧୨ (ନି.ପ୍ର): ଚାଲିଛି ମୟୂରଭଞ୍ଜ ମହୋତ୍ସବ। କଳା,ସଂସ୍କୃତି ଓ ଐତିହ୍ୟ ର ଏହି ମହାନ ପର୍ବରେ ପ୍ରତି ଦିନ ଅନେକ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ମଧ ଚାଲୁରହିଛି। ଏହାରି ମଧ୍ୟରେ ଏକ ଅନ୍ୟତମ କାର୍ଯ୍ୟକ୍ରମ ବା' ଖେଳ ହେଉଛି 'ଲାଖବିନ୍ଧା' ପ୍ରତିଯୋଗିତା। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀ ମାନଙ୍କର ଏ ହେଉଛି ଏକ ଅନନ୍ୟ ଓ ଆକର୍ଷଣୀୟ ପରମ୍ପରା। ତେଣୁ ମୟୂରଭଞ୍ଜ ମହୋତ୍ସବରେ ମଧ ଏହା ବିଶେଷ ଆକର୍ଷଣ ପଲୋଟିଥାଏ। ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ଏହା ଅନୁଷ୍ଠିତ ହୋଇଥାଏ। ଆଦିବାସୀ ପାରମ୍ପରିକ ପୋଷାକ ପରିଧାନ କରି ହାତରେ ଧନୁ ଓ ତୀର ଧରି ଯୁଦ୍ଧ କରିବା ଭାବଭଙ୍ଗୀରେ ଲକ୍ଷ ଭେଦ କରିଥାନ୍ତି ପ୍ରତିଯୋଗି। ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟ ରେ ମୟୁରଭଞ୍ଜ ମୋହତ୍ସବ ତରଫରୁ ବାରିପଦା ଷ୍ଟାଡିୟମ ଠାରେ ଏହି ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଉଛି। ଦୀର୍ଘ ଦୁଇଘଣ୍ଟା ଧରି ଏହି ପ୍ରତିଯୋଗିତା ଚାଲିଥିବା ବେଳେ ଏଥିରେ ୫୮ ଜଣ ମହିଳା ଓ ୨୨୦ ଜଣ ପୁରୁଷ ଭାଗ ନେଇଥିଲେ। ଏବଂ ଉଭୟ ମହିଳା ଓ ପୁରୁଷ ବିଭାଗ ରେ ପ୍ରଥମ ୫ ଜଣ ପ୍ରତିଯୋଗୀ ଙ୍କୁ ମୟୂରଭଞ୍ଜ ମହୋତ୍ସବ ର ବର୍ଣ୍ଣାଢ୍ୟ ମଞ୍ଚରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ରେ ମହିଳା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଚାମା ମୁର୍ମୁ, ଦ୍ୱିତୀୟ ଓ ତୃତୀୟ ଯଥା କ୍ରମେ ରଶ୍ମିତା ହେମ୍ବ୍ରମ ଓ ମାଳିକା ହେମ୍ବ୍ରମ ରହିଛନ୍ତି ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଛନ୍ତି ଶାନ୍ତିଲତା ହେମ୍ବ୍ରମ କ୍ଟ ମାଳତୀ ମାଝୀ। ସେହି ଭଳି ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶିବ ଶଙ୍କର ହେମ୍ବ୍ରମ । ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ରହିଛନ୍ତି ଚରଣ କିସ୍କୁ ଓ ରଘୁନାଥ ହେମ୍ବ୍ରମ । ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଧିକାର କରିଛନ୍ତି ନୁନା ମୁର୍ମୁ ଓ ଶ୍ୟାମ ସୁନ୍ଦର ଟୁଡୁ। ଏହି କାର୍ଯ୍ୟକ୍ରମ କୁ କମିଟି ର ପଦାଧିକାରୀ ଅସିତ ପତି, କୃଷ୍ଣାନନ୍ଦ ମହାନ୍ତି, ସଂଜୀବ ଦିବେଦୀ, ଅମର ସେଠି, ରାକେଶ ସିଂ, ଅରୁଣ ବରାଡ଼,ରାଜୀବ ଜେନା,ରାକେଶ ବେହେରା, ସରୋଜ ଶତପଥୀ, ଦିବ୍ୟରଞ୍ଜନ ଦାସ, ସମର୍ଜିତ ଗୋସ୍ୱାମୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଅତିଥି ଭାବେ ଭାରତୀ ହାଁସଦା ଜିଲ୍ଲାପରିଷଦ ଅଧ୍ୟକ୍ଷା,ମୟୂରଭଞ୍ଜ ଓ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗ ଦେଇ ପ୍ରତିଯୋଗୀତା କୁ ଉଦଘାଟନ କରିଛନ୍ତି।

# ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଏକ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୩/୧୨ (ନି.ପ୍ର): ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ର ଏକ ବୈଠକ ସାଇ ଟେକନୋ ପ୍ଲାଜା ରେ ସଂସଦର ସଭାପତି ଇଂ (ଡ) ହୃଷୀକେଶ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହେଇଯାଇଛି। ହୃଦାନନ୍ଦ ଉଚ୍ଚ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ପାଳନକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ ଓ ଅବ୍ୟବସ୍ଥା ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ବିଦ୍ୟାଳୟ ର ୫୦ ବର୍ଷ ପୂରଣ ହେବାପରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ୨୦୧୮ ମସିହାରୁ ପୁରାତନ ଛାତ୍ର ସଂସଦ ଉଦ୍ୟମ କରିଥିଲା। ତାହାର ଅନେକ କାମ ଆଗେଇ ଚାଲିଥିବା ବେଳେ କିଛି ଛାତ୍ର ଏକ ସାମ୍ବିଧାନିକ ବିଧି ବ୍ୟବସ୍ଥା ମାଧ୍ୟମରେ ଗଠିତ ଓ କାର୍ଯ୍ୟରତ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କୁ ଅଣଦେଖା କରି ପ୍ରଧାନ ଶିକ୍ଷକ ଙ୍କ ଅଧ୍ୟକ୍ଷତା ରେ ଏକ କମିଟି ଗଠନ କରିଛନ୍ତି ଯେଉଁ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କର ଅନେକ ଅଭିଯୋଗ ଅଛି । ପ୍ରଧାନ ଶିକ୍ଷକ ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ପରିଚାଳନା କମିଟି ବା ପୁରାତନ ଛାତ୍ର ସଂସଦ ବା ଅଭିଭାବକ କମିଟିକୁ ନ ଜଣାଇ ମନ ଇଚ୍ଛା କାମ କରୁଛନ୍ତି। ପୁରାତନ ଛାତ୍ର ସଂସଦକୁ ଅଣଦେଖା କରାଯାଇ ଉତ୍ସବ କରିବାରୁ ଛାତ୍ର ସଂସଦ ଉଦବେଗ ପ୍ରକାଶ କଲା । କମିଟି ରେ ସର୍ବସମ୍ମତି କ୍ରମେ ଏବେ ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ରେ ଛାତ୍ର ସଂସଦ ର କୌଣସି ପ୍ରକାର ସହଯୋଗ ରହିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ମାତ୍ର ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷାର ମାନ ଉଚ୍ଚ କରିବା ପାଇଁ ଆଲୋଚନା କରାଗଲା। ଏହି ବୈଠକରେ ସର୍ବଶ୍ରୀ ସନ୍ନ୍ୟାସୀ ଚରଣ ପ୍ରଧାନ, ହରିଶ୍ଚନ୍ଦ୍ର ଦତ୍ତ, ସନ୍ତୋଷ କୁମାର ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ଘୋଷ, ରାଧାକୃଷ୍ଣ ଦାସ, ବିକାଶ ମିଶ୍ର, ରମାକାନ୍ତ ଜେନା, ଅନୁପ କୁମାର ବେହେରା, କୁମାର କାର୍ତ୍ତିକ, ନାରାୟଣ ଚନ୍ଦ୍ର ଘୋଷ,ସନ୍ଦିପ କୁମାର ସାହୁ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାମଚନ୍ଦ୍ର କିସ୍କୁ, ବୁଧିରାମ ମାଝୀ, ବିପ୍ଲବ କୁମାର ସାହୁ, ରତ୍ନାକର ଜେନା, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ବୈଠକ ରେ ଉପସ୍ଥିତ ଥିଲେ। ଶେଷରେ ଇଂ କୁମାର କାର୍ତ୍ତିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାହାରୁ ଆସୁଥିବାଲୋକଙ୍କ ରକ୍ତ ପରୀକ୍ଷା ବାଧ୍ୟତା ମୂଳକ ହେଉ : ବଜରଙ୍ଗ ଦଳ

ଉଦଳା , ୦୩/୧୨ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗବାଲି ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ଚଳିତ ଡ଼ିସେମ୍ବର ୧ ତାରିଖ ରବିବାର ବିଶ୍ୱ ଏଡ଼ସ୍ ଦିବସ ପାଳନ ଅବସରରେ ରାଢ଼ୋଗ୍ରାମସ୍ଥିତ ପ୍ରାଥମିକ ଚିକିତ୍ସାଳୟ ପରିସରରେ ରକ୍ତଦାନ ଶିବିର ଓ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ରକ୍ତଦାନ କରୁଥିବା ବ୍ୟକ୍ତି ନିଜେ ସୁସ୍ଥ ରହିବା ସହିତ ଅନେକ ଗୁଡ଼ିଏ ରୋଗରୁ ମୁକ୍ତି ପାଇଥାନ୍ତି ବୋଲି କହିଥିଲେ । ବିଶ୍ୱହିନ୍ଦୁ ପରିଷଦର ଉଦଳା ପ୍ରଖଣ୍ଡ ସଭାପତି ସନ୍ତୋଷ ବଛିନି ଓ ସଂପାଦକ ଅମିତ ପୃଷ୍ଟି ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ସେହିପରି ଏଡ଼ସ୍ ସଚେତନତା ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡ଼ା. ଖଗେଶ୍ୱର ସିଂହ, ଡ଼ା.ପ୍ରଣବ ପ୍ରିୟଦର୍ଶୀ ବେହେରା ଓ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଏଡ଼ସ୍‌ର ଭୟାବହତା କିପରି ଆଜି ସମଗ୍ର ବିଶ୍ୱବାସୀଙ୍କୁ ଭୟଙ୍କର ଅନ୍ଧକାର ମଧ୍ୟକୁ ଟାଣି ନେଉଛି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହ ଏଥିରୁ ମୁକ୍ତି ପାଇଁ ସଚେତନତା ହିଁ ଏକମାତ୍ର ବିକଳ୍ପ ବୋଲି ଭାଷଣ ମାଧ୍ୟମରେ କହିଥିଲେ । ପରେ ପ୍ରତିଦିନ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ମାନଙ୍କରୁ ବହୁଳ ଭାବରେ ଲୋକ କାମ କରିବା ପାଇଁ ଉଦଳା ଆସୁଛନ୍ତି ଏବଂ ଏଠାରେ ଘରଭଡ଼ା ନେଇ ମାସ ମାସ ଧରି ରହୁଛନ୍ତି । ଏହିସବୁ ବ୍ୟକ୍ତି ମାନଙ୍କର କେବଳ ଆଧାର କାର୍ଡ଼ ଚେକିଂ କରାଯାଉଛି । କିନ୍ତୁ ଏମାନଙ୍କ ପକ୍ଷେ ରକ୍ତ ପରୀକ୍ଷା ବା ଏଡ଼ସ୍ ମୁକ୍ତ ପ୍ରମାଣପତ୍ର ପ୍ରଦର୍ଶନ ବାଧ୍ୟତା ମୂଳକ କରାଯିବା ଉଚିତ ବୋଲି ବଜରଙ୍ଗ ଦଳ ତରଫରୁ ଦାବି କରାଯାଇଛି । ଉକ୍ତ ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହାକୁ ସଫଳ କରିବାରେ ସ୍ମୃତି ରଂଜନ ତ୍ରିପାଠୀ, ସରୋଜ ଦାସ, ସଂଜୟ କୁମାର ପଣ୍ଡା, ନରେନ୍ଦ୍ର ପାଣିଗ୍ରାହୀ, ଯଗେଶ୍ୱର ପ୍ରଧାନ, କୁଳମଣି ପ୍ରଧାନ ପ୍ରମୁଖଙ୍କ ସହିତ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗବାଲି ସେବା ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଡିସେମ୍ବର ୨୨ରୁ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୪

## ସମ୍ବର୍ଦ୍ଧିତ ହେବେ ବସନ୍ତ, ମନୋଜ, କାହ୍ନୁଚରଣ ଏବଂ ଆଶୁତୋଷ









ଭବାନୀପାଟଣା, ୦୩/୧୨ (ନି.ପ୍ର): କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଆସନ୍ତା ଡିସେମ୍ବର ୨୨ ତାରିଖଠାରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ 'ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ - ୨୦୨୪' ଅନୁଷ୍ଠିତ ହେବ। ଏହି ମହୋତ୍ସବର ଉଦଘାଟନୀ ଦିବସରେ ନାଟ୍ୟକାର ମନୋଜ ରଥଙ୍କ ରଚିତ ଓ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶିତ ସ୍ମାରକୀ ନାଟ୍ୟ ସଂସ୍ଥାର ନାଟକ 'ଜୟଯାତ୍ରା' ଓ ତଥାଗତ ମିଶ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଅର୍ଦ୍ଧବାକ୍ୟ' ନାଟକ ମଞ୍ଚସ୍ଥ ହେବ। ସେହିଭଳି ମହୋତ୍ସବର ଦ୍ୱିତୀୟ ଦିବସରେ ନାଟ୍ୟକାର ପ୍ରବୀର ଗୁହାଙ୍କ ରଚିତ ଓ ଶୁଭଦୀପ ଗୁହାଙ୍କ ନିର୍ଦ୍ଦେଶିତ ଅଲଟରନେଟିଭ ଲିଭିଂ ଥିଏଟର କଲିକତାର ନାଟକ 'ଲଙ୍ଗ୍ ମାର୍ଚ୍ଚ' ପ୍ରଦର୍ଶିତ ହେବ। ତୃତୀୟ ଦିବସରେ ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ ରଚିତ ଓ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶିତ ନିୟୁକ୍ଲେଷ୍ଟ ରିପୋଟ୍ରି ରାଉରକେଲାର ନାଟକ 'କାରାଗାରର କାହାଣୀ' ମଞ୍ଚସ୍ଥ ହେବ। ସେହିଭଳି ଉଦଯାପନୀ ଦିବସରେ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ବାଗଦେବୀ ଲିଟରେଚର ଟ୍ରଷ୍ଟ, ଭୁବନେଶ୍ୱରର ନାଟକ 'ଜାତି ନନ୍ଦିଘୋଷ' ମଞ୍ଚସ୍ଥ ହେବ। ଏହି ଅବସରରେ ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ଚାରି ପିଢିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ କ୍ରମରେ ବିଶିଷ୍ଟ ଅଭିନେତା ବସନ୍ତ ପଣ୍ଡା, ମନୋଜ ଶର୍ମା, କାହ୍ନୁ ଚରଣ ଗଉଡ ଏବଂ ଆଶୁତୋଷ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ଏବଂ ସମ୍ପାଦକ ସୌରଭ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଆଜି ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଅଭିନେତା ଶୁଭେନ୍ଦୁ ମହାପାତ୍ର, ଶଶାଙ୍କ ମହାପାତ୍ର, ଧ୍ୟାନାନନ୍ଦ ପଣ୍ଡା, ସୁଧୀର ରଥ, ଦେବୀ ପ୍ରସାଦ ରଥ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଶିବଶକ୍ତି ପୁରୋହିତ, ତଥାଗତ ମିଶ୍ର, ଅନିଲ ବୈଠାରୁ, ସୌମ୍ୟ ରଞ୍ଜନ ଜେନା, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଆଶୁତୋଷ ପୁରୋହିତ, ପ୍ରଜ୍ଞା ପରିମିତା ନାୟକ, କେ. ଗୋପିଧର ନାୟର, ରାମେଶ୍ୱର ତ୍ରିପାଠୀ, ଲିପ୍ସା ମହାରଣା, ଅବିନାଶ ଅଗସ୍ତି, ବିକାଶ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଶୁଭମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜଳିଗଲା ୪୦ କୁଇଣ୍ଟାଲ ଧାନ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ନିଆଁଲାଗି ଜଳିଗଲା ୪୦ କୁଇଣ୍ଟାଲ ଧାନ। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କ୍ଷେତି ଗାଁର ଏହି ଘଟଣା ଘଟିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କ୍ଷେତି ଗାଁର ଜନ୍ମେଶ୍ୱର ପ୍ରଧାନ ନିଜ ଧାନ ଅମଳ ପରେ ଖଳାରେ ରଖିଥିଲେ। ଗତକାଲି ବିଳମ୍ବିତ ରାତିରେ ଧାନ ଖଳରେ ନିଆଁ ଲଗିଯାଇଥିଲା। ଜନ୍ମେଶ୍ୱର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ନିଭାଇବା ବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଧାନ ଗଦାରେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ିନାହିଁ।

# ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଜଳେଶ୍ୱର , ୦୩/୧୨ (ନି.ପ୍ର): ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ମହାଆଡମ୍ବରରେ ଜଳେଶ୍ୱର ତାଲୁକ ଆଇନ ସେବା ସମିତି,ଲାଓନ୍ସ କ୍ଲବ ଜଳେଶ୍ୱର, ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ, ଇନର ହୁଇଲ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ସହଯୋଗରେ ପାଳିତ ହୋଇଯାଇଅଛି। ଉକ୍ତ ଦିବସ ଅବସରରେ ଆୟୋଜିତ ସଭାରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ଶ୍ରୀଯୁକ୍ତ ବିଷ୍ଣୁପଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ବରିଷ୍ଠ ଦେଓ୍ୱାନୀ ଜଜ ଶ୍ରୀମତି ନିଶା ସାମଲ ମୁଖ୍ୟ ବକ୍ତା ଭାବରେ ଔଗରଉ ସ୍ୱର୍ନାପ୍ରଭା ସ୍ୱାଇଁ ଯୋଗଦେଇ ଦିବସର ଆଭିମୁଖ୍ୟ ଏବଂ ଦିବ୍ୟଙ୍ଗ ମାନଂକ ପାଇଁ ଆଇନର ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ତଥା ନିର୍ଦ୍ଦେଶକ ଯୁଗଳ କିଶୋର ପ୍ରଧାନ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ଅତିଥି ମାନଙ୍କର ପରିଚୟ ସ୍ୱାଗତ ଅଭିଭାଷଣ ଏବଂ ଅନୁଷ୍ଠାନର ୨୫ ବର୍ଷର ଇତିବୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଚିନ୍ମୟ କୁମାର ଦାସ, ଜଳେଶ୍ୱର ଓକିଲ ସଂଘର ସଭାପତି କୁଞ୍ଜବିହାରୀ ଦାସ ,ତାଲୁକ ଆଇନ ସେବା ସମିତିର ସଦସ୍ୟ ଆଡଭକେଟ ସୁନୀଲ କୁମାର ଜେନା ପ୍ରମୁଖ ଦିବ୍ୟାଙ୍ଗ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ଗିରି, ଡ଼ଃ ଈଶ୍ୱର ଚନ୍ଦ୍ର ଜେନା, ସୁନୀଲ କୁମାର ଗିରି, ସୁନୀଲ କୁମାର ନାୟକ, ସମରେଶ ଡିଣ୍ଡା,ଗିରିଜା ଶଙ୍କର ଦାସ,ଶେଖ ସବିର, ପୂର୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଶୋକ ଦାସ ମଞ୍ଚ ଆହ୍ୱାନ କରିଥିଲାବେଳେ କପିଳେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଲାୟନସ କ୍ଲବ ଜଳେଶ୍ୱର ପକ୍ଷରୁ ସମସ୍ତ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଏବଂ ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଅନ୍ତେବାସୀ ମାନଙ୍କୁ ସୁସ୍ୱାଦୁ ଜଳଖିଆ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପରିଚାରକ, ତତ୍ୱାବଧାରକ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରାଜଧାନୀରେ ପଣ୍ଡିତ...

ଆଜି ରାତିରେ ରାଷ୍ଟ୍ରପତି ରାଜ ଭବନରେ ରହିବେ। ଆସନ୍ତାକାଲି ପୁରୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାରୁ କଡା ସୁରକ୍ଷା ମଧ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାର ଯାଇଥିଲେ । ସେଠାରେ ତାଙ୍କୁ ସ୍ୱାଗତ କରିଥିଲେ ରାଜ୍ୟପାଳ ରଘୁବର ଦାସ,ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ,ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ନୀଳାଦ୍ରି ବିହାରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ରାଷ୍ଟ୍ରପତି । ପରେ ପାଖରେ ଥିବା ଏକ ପାର୍କ ବୁଲି ଦେଖିଥିଲେ । ଆଉ କିଛି ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ କଥା ହୋଇଥିଲେ । ସେଠାରୁ ସିଧା ରାଜଭବନ ଫେରିଆସିଛନ୍ତି ରାଷ୍ଟ୍ରପତି । ରାତିରେ ରାଜଭବନରେ ରାତ୍ରିଯାପନ କରିବେ । ୪ ତାରିଖ ବୁଧବାର ପୁରୀ ବାହାରିବାର କାର୍ଯ୍ୟକ୍ରମ ରହିଛି । ସକାଳ ୯ଟା ୪୫ରେ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ । ସେଠାରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ ତମ ବାର୍ଷିକ ଉତ୍ସବରେ ଯୋଗ ଦେବେ । ଅପରାହ୍ନ ୩ଟା ୫୫ ମିନିଟରେ ପୁରୀ ବ୍ଲୁ ଫ୍ଲାଗ ବେଳାଭୂମିରେ ଆୟୋଜିତ ନୌସେନା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ସାମିଲ ହେବେ । ୫ରେ ଢଟଇଞ୍ଜ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଭୁବନେଶ୍ୱର ନୂଆ କୋର୍ଟ କଂପ୍ଲେକ୍ସର ଲୋକାର୍ପଣ କରିବେ ।

## ୭୩% ବିଧାୟକ କୋଟିପତି...

ନେଇ ପ୍ରଶ୍ନ ଉଠିଛି । ଏଡିଆର ରିପୋର୍ଟ ଅନୁସାରେ, ଚଳିତ ସପ୍ତଦଶ ବିଧାନସଭାରେ ବିଧାୟକମାନଙ୍କ ହାରାହାରି ସମ୍ପତ୍ତିର ପରିମାଣ ୭.୩୭କୋଟି ଟଙ୍କା । ଯାହାକି ଷୋଡ଼ଶ ବିଧାନସଭା (୨୦୧୯-୨୪)ରେ ହାରାହାରି ୪.୪୧କୋଟି ଟଙ୍କା ଥିଲା । ଗତ ବିଧାନସଭାରେ କୋଟିପତି ବିଧାୟକଙ୍କ ସଂଖ୍ୟା ୯୫ଥିବାବେଳେ ଚଳିତ ବିଧାନସଭାରେ ଏହି ସଂଖ୍ୟା ୧୦୭କୁ ବୃଦ୍ଧି ପାଇଛି । ଚଳିତ ବିଧାନସଭାରେ ୫୨ଜଣ ବିଜେପି, ୪୩ଜଣ ବିଜେଡି, ୯ଜଣ କଂଗ୍ରେସ, ୨ଜଣ ସ୍ୱାଧୀନ ଓ ଜଣେ ସିପିଆଇଏମ୍ ବିଧାୟକ କୋଟିପତି ବୋଲି ନିଜେ ସ୍ୱୀକାର କରିଛନ୍ତି । ଏବେ ବିଧାୟକମାନଙ୍କୁ ହାତପାଣ୍ଠି ବାବଦରେ ବାର୍ଷିକ ୩କୋଟି ଟଙ୍କା ମିଳୁଛି । ଏହାବାଦ୍ ବିଧାୟକମାନେ ନିଜ ଅଂଚଳର ବିକାଶ ପାଇଁ 'ସ୍ପେଶାଲ ପ୍ରୋବ୍ଲମ ଫଣ୍ଡ'ରୁ ମଧ ପାଣ୍ଠି ପାଉଛନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରୁ ନିଜ ନିର୍ବାଚନମଣ୍ଡଳୀ ଓ ଭୋଟରଙ୍କ ବିକାଶ ପାଇଁ ବାର୍ଷିକ ୩କୋଟି ଟଙ୍କାରୁ ଅଧିକ ପାଣ୍ଠି ପାଉଥିବା ବିଧାୟକମାନେ ନିୟମିତ ବ୍ୟବଧାନରେ ନିଜ ଦରମା ଓ ଭତ୍ତା ବୃଦ୍ଧି ପାଇଁ ଦାବି କରିବାରେ ଲାଗିଛନ୍ତି । ବିଜେଡି ସରକାରରେ ବିଧାୟକମାନଙ୍କ ଏଭଳି ଦାବିକୁ ଗ୍ରହଣ କରି ତତକାଳୀନ ବାଚସ୍ପତି ବିକ୍ରମ କେଶରୀ ଆରୁଖ ୨୦୨୨ ଡିସେମ୍ବର ମାସରେ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । କମିଟି ମଧ ୨୦୨୩ ମାର୍ଚ୍ଚ ମାସରେ ଦରମା ଓ ଭତ୍ତା ସମେତ ପେନସନ୍ ବୃଦ୍ଧି ନିମନ୍ତେ ତାଙ୍କର ସୁପାରିଶ ରିପୋର୍ଟ ବାଚସ୍ପତିଙ୍କୁ ଦେଇଥିଲେ । ଯାହାକୁ ସେତେବେଳେ ରାଜ୍ୟ ସରକାରଙ୍କ ନିକଟକୁ ବାଚସ୍ପତି ପଠାଇବା ସହ ଏହାଉପରେ ପଦକ୍ଷେପ ନେବାକୁ କହିଥିଲେ । ଶ୍ରୀ ଶତପଥୀଙ୍କ କମିଟି ବିଧାୟକମାନଙ୍କ ଦରମା ଓ ଭତ୍ତା ପରିମାଣକୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବିଧାୟକମାନଙ୍କ ପେନସନ ପରିମାଣକୁ ଏକ ଲକ୍ଷ ଟଙ୍କାକୁ ବଢ଼ାଇବା ସହ ପ୍ରଚଳିତ କ୍ୟାପିଙ୍ଗ ବ୍ୟବସ୍ଥାକୁ ଉଠାଇ ଦେବାକୁ ପ୍ରସ୍ତାବ ଦେଇଥିଲେ । ମାତ୍ର ରାଜ୍ୟର ବିଭିନ୍ନ ବର୍ଗର କର୍ମଚାରୀମାନେ ନିଜର ଚାକିରିର ସ୍ଥାୟିତ୍ୱ ଓ ପାରିଶ୍ରମିକ ବୃଦ୍ଧିକୁ ନେଇ ଦାବି କରି ରାଜରାସ୍ତାକୁ ଓହ୍ଲାଉଥିବାରୁ ତତକାଳୀନ ବିଜେଡି ସରକାର ଏହି ଆଇନପ୍ରଣେତାଙ୍କ ଦାବିକୁ ପୂରଣ ପାଇଁ ସାହାସ ଜୁଟାଇପାରିନଥିଲେ । ମାତ୍ର ଏବେ ବିଜେପି ସରକାର କ୍ଷମତାକୁ ଆସିବାପରେ ଏହି ଦରମା ଓ ଭତ୍ତା ବୃଦ୍ଧି ଦାବି ପୁଣିଥରେ ଜୋର ଧରିଛି । ଗତ ଷୋଡ଼ଶ ବିଧାନସଭାରେ ଏହି ଦାବି ଉପରେ ବିଚାର ପାଇଁ ଗଠିତ କମିଟିର ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀଙ୍କୁ ପଚରାଯିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, " ବିଧାୟକ ଓ ପୂର୍ବତନ ବିଧାୟକମାନେ ନିଜର ଦରମା,ଭତ୍ତା ଓ ପେନସନ୍ ବୃଦ୍ଧି ସଂକ୍ରାନ୍ତ ସୁପାରିଶ ପୂର୍ବରୁ ଆମେ ବିଭିନ୍ନ ରାଜ୍ୟର ତଥ୍ୟକୁ ତର୍ଜମା କରିଥିଲୁ । ଯଦିଓ ହାତରେ ସମୟ ବେଶୀ ନଥିଲା ତେଣୁ ଅନଲାଇନରେ ଉପଲବ୍ଧ ଓ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କଠୁ ମିଳିଥିବା ତଥ୍ୟକୁ ସମୀକ୍ଷା କରିବା ସହ ମୁଦ୍ରାସ୍ଫୀତି ଓ ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି କମିଟି ଏକ ସନ୍ତୁଳିତ ସୁପାରିଶ ବାଚସ୍ପତିଙ୍କୁ ଦେଇଥିଲା । ଯାହାକୁ ବାଚସ୍ପତି ଗ୍ରହଣ କରି ସରକାରଙ୍କ ନିକଟକୁ ପଠାଇ ଦେଇଥିଲେ । ଯେହେତୁ ନୂଆ ସରକାର ଆସିଛନ୍ତି, ତେଣୁ ପୁଣିଥରେ ନୂଆ କମିଟି ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଓଡ଼ିଶାରେ ୨୦୦୩ରେ ବିଧାୟକମାନଙ୍କ ଦରମା ଓ ଭତ୍ତା ୨୧୯୫୦ଟଙ୍କାକୁ ବୃଦ୍ଧି ପାଇଥିଲା । ୨୦୧୧ରେ ଏହା ପୁଣିଥରେ ୬୦ହଜାର ଟଙ୍କାକୁ ଓ ୨୦୧୭ ସେପଟ୍ମେରରେ ୧ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ବିଧାୟକମାନଙ୍କ ପାଣ୍ଠି(ଏମଏଲଏ ଲ୍ୟାଡ) ପରିମାଣ ମଧ ଏକ କୋଟି ଟଙ୍କାରୁ ୩କୋଟି ଟଙ୍କାକୁ ବୃଦ୍ଧି ପାଇସାରିଛି ।

## ଆନ୍ଦୋଳନରୁ ଓହରିଲେ ...

ବ୍ୟବସାୟୀମାନେ ସୋମବାରଠାରୁ ଆନ୍ଦୋଳନରେ ବସିଥିଲେ। ଯାହାଫଳରେ ରାଜ୍ୟ ଭିତରେ ଆଳୁ ଚାଲାଣ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଖାଉଟି ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଘର ଦାବି, ବର୍ତ୍ତମାନ ମହଜୁଦ୍ ଥିବା ଅଢ଼େଇ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ରାଜ୍ୟ ବାହାରକୁ ଚାଲାଣ ନହେଲେ ନଷ୍ଟ ହୋଇଯିବ। ତେଣୁ ଯଥାଶୀଘ୍ର ଆଳୁ ଚାଲାଣ ପାଇଁ ରାଜ୍ୟ ସରକାର ଅନୁମତି ଦିଅନ୍ତୁ ବୋଲି ସଂଘ ଦାବି କରିଥିଲା। ଆଜି ଆନ୍ଦୋଳନରେ ବସିଥିବା ଶୀତଳ ଭଣ୍ଡାର ଆଳୁ ବ୍ୟବସାୟୀ ସଂଘ ଓ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ କୃଷୀମନ୍ତ୍ରୀ ସୋଭନ୍‌ଦେବ ଚଟ୍ଟୋପାଧ୍ୟାୟ। ଦୀର୍ଘ ସମୟ ଧରି ଆଲୋଚନା ପରେ ବ୍ୟବସାୟୀଙ୍କ ସର୍ତ୍ତରେ ରାଜି ହୋଇଥିଲେ ମନ୍ତ୍ରୀ। ତେବେ ସବୁ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଛାଡ଼ିଥିଲେ। ତଥାପି କୃଷୀ ମନ୍ତ୍ରୀଙ୍କ ଗ୍ରୀନ୍ ସିଗ୍‌ନାଲ ପରେ ଆଳୁ ବ୍ୟବସାୟୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପଶ୍ଚିମବଙ୍ଗରେ ଆଳୁ ବ୍ୟବସାୟୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଓଡ଼ିଶାକୁ ଆଳୁ ଆସିବ ବୋଲି ଆଶା କରାଯାଉଛି। ତେବେ କେବେ ଆଳୁ ଆସିବ, ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡ଼ି ନାହିଁ।

## ଓଡ଼ିଶାରେ ରେଳ ...

୧୯,୨୮୯ କୋଟି ବ୍ୟୟ ଅଟକଳରେ ୮ଟି ନୂତନ ରେଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରାଯାଇଛି ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଢରେ ଲେଖିଛନ୍ତି। କ୍ୟାବିନେଟରେ ଅନୁମୋଦନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକ ହେଲା; ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ, ଜୁନାଗଡ଼ ରୋଡ୍-ନବରଙ୍ଗପୁର ନୂତନ ରେଳ ଲାଇନ, ମାଲକାନଗିରି-ପଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ ନୂତନ ରେଳ ଲାଇନ, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ଲାଇନ, ବାଙ୍ଗିରିପୋଷୀ-ଗୋରୁମହିଷାଣୀ ନୂତନ ରେଳ ଲାଇନ, ବୁଢ଼ାମରା-ଚାକୁଳିଆ ନୂତନ ରେଳ ଲାଇନ, ସରଡ଼େଗା-ଭାଲୁମୁଡା ନୂତନ ଦୋହରୀକରଣ ରେଳ ଲାଇନ ଓ ବରଗଡ଼ ରୋଡ଼-ନୂଆପଡା ରୋଡ଼ ନୂତନ ରେଳ ଲାଇନ୍‌କୁ କ୍ୟାବିନେଟ୍‌ରେ ମଞ୍ଜୁରି ମିଳିଛି।

## ମଲେଇ ଖାଇ ଠିକାଦାର...

ପାନୀୟ ଜଳ ପ୍ରକଳ୍ପରେ ବାହାର ରାଜ୍ୟର ଠିକାଦାରମାନେ ଅହେତୁକ ବିଳମ୍ବ କରିଛନ୍ତି । ଯେଉଁ ଠିକାଦାରଙ୍କ ସହିତ ବିଜେଡି ସରକାର ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ ସେଥିରୁ ୫୮ ପ୍ରତିଶତ ଟଙ୍କା ଉଠାଇ ପଳାଇଛନ୍ତି । କେବଳ ପାଇପ୍ ବିଛା କାମ ହୋଇଛି । ସେଥିପାଇଁ ପାନୀୟ ଜଳ ପ୍ରକଳ୍ପ କାମ ବିଳମ୍ବ ହେଉଛି । ଖାଲି ମନ୍ତ୍ରୀ ନୁହଁନ୍ତି, ଖୋଦ୍ ବିଜେଡିର ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ମଧ ଏନେଇ ଉଦବେଗ ପ୍ରକାଶ କରି ବିସ୍ଫୋରଣ କରିଛନ୍ତି । କହିଛନ୍ତି ଗତ ସରକାରରେ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇ ପାନୀୟ ଜଳ ପ୍ରକଳ୍ପ କାମ ଶେଷ କରାଗଲାନି ଯେଉଁଥି ପାଇଁ ଅନେକ ବିଧାୟକ ଲୋକଙ୍କ ଆକ୍ରୋଶର ଶିକାର ହୋଇ ପରାଜିତ ହେଲେ । ସେହିପରି କଂଗ୍ରେସ ବିଧାୟକ ତାରା ବାହିନିପତି ମଧ ଏ ପ୍ରସଙ୍ଗରେ ବର୍ଷିଛନ୍ତି । ସେପଟେ ଅସନ୍ତୋଷ ପ୍ରକାଶ କରିଥିବା ଘସିପୁରା ବିଧାୟକ ବଦ୍ରି ପାତ୍ରଙ୍କ ଅଞ୍ଚଳରେ ସ୍ଥିତି ସଙ୍ଗିନ । ଜିଲ୍ଲା ଖଣିଜ ପାଣ୍ଠିରୁ ପୂର୍ଣ୍ଣାଙ୍ଗ ହୋଇଥିବା ଏହି ପ୍ରକଳ୍ପ ପାଇଁ ୧୫୫ ହଜାର ୪୪ ଲକ୍ଷ ଟଙ୍କା ଖର୍ଚ୍ଚରେ ୨୦୦ ଗାଁକୁ ପାନୀୟ ଜଳ ଯୋଗାଣ ହେଉଥିବା ନେଇ ପ୍ରଶାସନ ବାହାସ୍ଫୋଟ ମାରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । କୋରାପୁଟରେ ବି ସମାନ ସ୍ଥିତି । ଅବଧି ସରି ୧୨ ବର୍ଷ ବିତିଥିଲେ ବି ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ କାମ । ପାଣି ମୁନ୍ଦାଏ ପାଇବା ପାଇଁ ଚାତକ ପରି ଚାହିଁ ବସିଛନ୍ତି ଲୋକେ । ତତ୍କାଳୀନ ସରକାରଙ୍କ ତଦାରଖର ଅଭାବ କାରଣରୁ ମୁରାନ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିନି । କୋଟପାଡ଼,ଜୟପୁର ଏବଂ ବୋରିଗୁମ୍ମା ବ୍ଲକର ୫୧ଟି ପଞ୍ଚାୟତର ଲୋକଙ୍କ ପାଇଁ ୨୦୧୮ରେ ମୁରାନଠାରେ ମେଗା ପାନୀୟ ଜଳପ୍ରକଳ୍ପ ଆରମ୍ଭ କରିଥିଲେ । ଏଥିପାଇଁ ୩୧୬ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ପୂର୍ବ ସରକାରଙ୍କ ଦାୟିତ୍ୱ ହୀନତା କାରଣରୁ ୬ ବର୍ଷ ବିତିଲାଣି ହେଲେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିବ କଣ ୫୦ପ୍ରତିଶତ ମଧ କାମ ଆଗେଇନି । ରାଜ୍ୟରେ ମାତ୍ର ୧୬ ଟି ପାନୀୟ ଜଳ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ଏବେ ବି ୧୯୧ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣଧୀନ ରହିଛି । ୩ ଟି ପର୍ଯ୍ୟାୟରେ ଏହାକୁ ସଂପୂର୍ଣ୍ଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି ।

## ମୁଖ୍ୟମନ୍ତ୍ରୀ ପଦ ସସପେନ୍ସ ...

ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି। ଏକନାଥ ସିନ୍ଦେ ଶୁକ୍ରବାର ସତାରା ଜିଲ୍ଲା ସ୍ଥିତ ନିଜ ଗାଁକୁ ଚାଲି ଯାଇଥିଲେ। ଏହା ପରେ ଚର୍ଚ୍ଚା ଜୋର ଧରିଥିଲା ଯେ, ମହାୟୁତି ସରକାର ଗଠନର ଫର୍ମୁଲାକୁ ନେଇ ଏକନାଥ ସିନ୍ଦେ ଅସନ୍ତୁଷ୍ଟ ଅଛନ୍ତି। କିନ୍ତୁ ତାଙ୍କ ସହଯୋଗୀ ଜଣାଇଥିଲେ ଯେ, ତାଙ୍କ ସ୍ୱାସ୍ଥ୍ୟ ଠିକ୍ ନ ଥିବାରୁ ସେ ବିଶ୍ରାମ ନେଇଛନ୍ତି। ସିନ୍ଦେଙ୍କ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ମୁମ୍ବାଇରେ ମହାୟୁତିର ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ ବସି ପାରି ନାହିଁ।

ବୁଧବାର, ୦୪ ଡିସେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ

ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ ହୋଇଯାଇଛି । ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଆଇ.ଏ.ଏସ ପ୍ରୋବେସନର ଶ୍ରୀ ଦୁଧାଲ ଅଭିଷେକ ଦିଲ୍ଲୀପ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଗୋପୀନାଥ ପରିଡା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣାର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ଏହା ପରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଥିଲା ଓ ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ମତପ୍ରକାଶ କରିଥିଲେ ଓ କାର୍ଯ୍ୟକ୍ରମର ପରିଚାଳନା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାରେ ଚାଲିଥିବା ଯୋଜନା ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚସ୍ଥ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ଏବଂ ଏଥି ସହିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ଉପଲକ୍ଷେ ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ପରିଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଖଇରାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ: ପ୍ରତିଯୋଗିତାରେ ଭାଗ ନେଲେ, ଅନ୍ତର୍ନିହିତ ପ୍ରତିଭା ଦେଖାଇଲେ




ଖଇରା, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇ ଯାଇଛି । ସକାଳେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ଭିନ୍ନକ୍ଷମ ମାନେ ଅକ୍ଷମ ନୁହଁନ୍ତି ବାର୍ତ୍ତା ନେଇ ଖଇରା ବଜାର ପରିକ୍ରମା କରିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତାକୁ ଏବିଇଓ ପାର୍ବତୀ ପଣ୍ଡା ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଳୁ ଦୌଡ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ନୃତ୍ୟ,ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବିଭିନ୍ନ ସଂଘର କର୍ମକର୍ତ୍ତା, ବିଷ୍ଣୁପ୍ରସାଦ ମିଶ୍ର, ତପନ ତ୍ରିପାଠୀ, କୈଳାସ ବେହେରା, ବିଆରପି ଭାଗିରଥି ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କ ସମେତ ସମସ୍ତ ଅଂଶଗ୍ରହଣକାରିଙ୍କୁ ପୁରସ୍କୃତ କରିଥିଲେ । ଖଇରା ବ୍ଲକର ସମସ୍ତ ସିଆରସିସି,ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ,ବିଭିନ୍ନ ସଂଘର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

## ପଂଜାବ ସୀମାରୁ ପାକିସ୍ତାନର ୪ଟି ଡ୍ରୋନ ଜବତ

ଚଣ୍ଡିଗଡ, ୦୩/୧୨ (ନି.ପ୍ର): ପଂଜାବରେ ଭାରତ-ପାକିସ୍ତାନ ସୀମାରେ ବିଏସଏଫ ପକ୍ଷରୁ ବଡ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାକିସ୍ତାନର ୪ଟି ଡ୍ରୋନ ଓ ଏକ କିଲୋଗ୍ରାମ ହେରୋଇନ ଜବତ କରାଯାଇଛି । ବିଏସଏଫ ପକ୍ଷରୁ କୁହାଯାଇଛି ଯେ, ତରନାତାରନ ଓ ଅମୃତସର ଜିଲ୍ଲାରେ ଅଭିଯାନ ସମୟରେ ଚାରୋଟି ଡ୍ରୋନ ଜବତ କରାଯାଇଛି । ଏହି ଡ୍ରୋନରୁ ବିପୁଳ ପରିମାଣର ହେରୋଇନ ଜବତ କରାଯାଇଛି । ଅନ୍ୟପଟେ ଗୁରୁଦାସପୁର ଜିଲ୍ଲାର ସୀମାବର୍ତ୍ତୀ ଅଂଚଳରୁ ଜଣେ ବ୍ୟକ୍ତିଙ୍କୁ ହେରୋଇନ ସହ ଗିରଫ କରାଯାଇଛି । ଏହି ବ୍ୟକ୍ତିଜଣକ ପାକିସ୍ତାନରୁ ଆସିଥିବା ଡ୍ରୋନକୁ ଖସାଇ ଏଥିରୁ ହେରୋଇନ ନେବାକୁ ଆସିଥିଲା । ପୋଲିସ ଘଟଣାର ଛାନଭିନ୍ କରୁଛି ।

# ବାଲିଆପାଳ ଓ ବସ୍ତାର ଯୁବପିଢ଼ିଙ୍କ ପାଇଁ ସୁବର୍ଣ୍ଣରେଖା ପୋର୍ଟ ଏବଂ ଟିଏସଏଫ୍ ଦ୍ୱାରା ଆଉଟଡୋର୍ ଲିଡରଶିପ୍ କ୍ୟାମ୍ପର ଶୁଭାରମ୍ଭ




ଲଙ୍ଗଳେଶ୍ୱର , ୦୩/୧୨ (ନି.ପ୍ର): ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଦ୍ୱାରା ବସ୍ତା ଏବଂ ବାଲିଆପାଳ ବ୍ଲକର ଯୁବକ-ଯୁବତୀଙ୍କ ପାଇଁ ୩ ଦିନିଆ ଆଉଟଡୋର ଲିଡରସିପ୍ କ୍ୟାମ୍ପ ଆୟୋଜନ କରାଯାଇଛି । ଟିଏସଏଫ୍ ର 'ରିସ୍ତା' (ଯୁବପିଢ଼ିଙ୍କ ଯୌନ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଆଞ୍ଚଳିକ ଉପକ୍ରମ) ପ୍ରକଳ୍ପ ଅନ୍ତର୍ଗତ ଅନୁଷ୍ଠିତ ହେଉଥିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚଉମୁଖ, ଡଗରା, ବେତଗଡିଆ, ମଧୁପୁରା, ସିଙ୍ଗଲା, ତାଡ଼ଦା ଗ୍ରାମ ପଞ୍ଚାୟତ ଏବଂ ଏହାର ଆଖପାଖ ଅଞ୍ଚଳର ଯୁବପିଢିଙ୍କୁ ନେତୃତ୍ୱ ନେବା ପାଇଁ ସକ୍ଷମ କରିବା ଏବଂ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ।ଶିବିରରେ ଯୋଗଦେବା ପାଇଁ ଯାଉଥିବା ଯୁବକଯୁବତୀଙ୍କ ଯାତ୍ରାକୁ ଡଗରା ଗ୍ରାମ ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଉପସ୍ଥିତ ରହିଥିବା ଅତିଥିଙ୍କ ଗହଣରେ ଡଗରା ବେଳାଭୂମି ଉନ୍ନୟନ ସମିତିର ସମ୍ପାଦକ ନିତ୍ୟାନନ୍ଦ ଜେନା; ଏସପିପିଏଲ ପ୍ରଶାସନିକ ମୁଖ୍ୟ, ବିରଜା ଶଙ୍କର ଦାସ ଏବଂ ଟିଏସଏଫ ବାଲେଶ୍ୱର ୟୁନିଟ୍ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଉପସ୍ଥିତ ଥିଲେ। ଟିଏସଏଫର ରିସ୍ତା ପ୍ରକଳ୍ପ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ କରିଆସୁଛି। ଏହା ସହ ଏହି ପ୍ରକଳ୍ପ ସେମାନଙ୍କ ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱାରୋପ କରୁଛି। ଝାଡ଼ଖଣ୍ଡର ତୁମୁଙ୍ଗଠାରେ ଆୟୋଜିତ ହେଉଥିବା ଏହି ତିନି ଦିନିଆ ଶିବିରରେ, ଯୁବପିଢିଙ୍କ ନେତୃତ୍ୱ ନେବାର କ୍ଷମତାକୁ ବୃଦ୍ଧି କରିବା ସହ ଦଳଗତ କାର୍ଯ୍ୟଦକ୍ଷତା ବିକଶିତ କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କନ୍ଧମାଳ ଶାଖାର ବୈଠକ

କନ୍ଧମାଳ, ୦୩/୧୨ (ନି.ପ୍ର): ଓଡ଼ିଶା ସ୍କୁଲ କେଲଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କନ୍ଧମାଳ ଜିଲ୍ଲାର ଶାଖାର ଏକ ବୈଠକ ଫୁଲବାଣୀ ମାଷ୍ଟ୍ରପଡା ସ୍ଥିତ ଶିକ୍ଷା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟାର ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଆବାହକତ୍ୱେର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇ ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱେର ସଭାକାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଜିଲ୍ଲା ସମ୍ପାଦକ ଶ୍ରୀ ମହାନ୍ତି ଅତିଥି ପରିଚୟ ସହ ଆଜି କାର୍ଯ୍ୟକ୍ରମ ର ଆଭିମୁଖ୍ୟ ପ୍ରଦାନ କରି ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ସେ ପୂର୍ବ ସରକାରଙ୍କ କେଠାର ମନୋଭାବ ପାଇଁ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟେର କାର୍ଯ୍ୟ କରୁଥିବା ଶିକ୍ଷକ ଓ କମର୍ଚାରୀ ମାେନ ବିନା ବେତନେର ଅବସର ଗ୍ରହଣ କେଲଣି। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କେର ଦିର୍ଘ ବର୍ଷ ଧରି ସେବା ପ୍ରଦାନ କରି ଅବସର ଗ୍ରହଣ କରିସାରିବା ପେର ମଧ୍ୟ କୌଣସି ଅର୍ଥ ନ ପାଇ ବିଦାୟ ନେଉଛନ୍ତି ବୋଲି କହିଥିଲେ । ଏହି ଅବସରେର ଓଷ୍ଟା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଗେଣଶ୍ୱର ଦଳାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହିତ ଆଗାମୀ ଡସେମ୍ବର ୧୦ ତାରିଖେର ଭୁବେନଶ୍ୱର ସ୍ଥିତ ଗାନ୍ଧୀ ମାର୍ଗ ଠାରେ ସାରା ଓଡ଼ିଶାରୁ ୩୦ ହଜାର ରୁ ଉର୍ଦ୍ଧ୍ୱ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କମର୍ଚାରୀ ଯୋଗେଦଇ ଅାେନ୍ଦାଳନ କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରେମର ଶିକ୍ଷକ ନେତା ନେରଶ ଚନ୍ଦ୍ର ସାମଲ, ପ୍ରେମାଦ କୁମାର ସସମାଲନ, ଅଭୟ କୁମାର ପ୍ରଧାନ, ଅନନ୍ତ ଚରଣ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା, ପ୍ରଦୀପ କୁମାର ପୃଷ୍ଟି, ରମାକାନ୍ତ ନନ୍ଦ, ରଞ୍ଜନ କୁମାର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାହୁ, ପଦ୍ମ ଚରଣ ମାନସିଂହ, ପ୍ରଶାନ୍ତ କୁମାର ଦାସ, ଜୟେଦବ ପ୍ରଧାନ, ମେନାରଞ୍ଜନ ପ୍ରଧାନ ଓ ସଂଜୀବ କୁମାର ସହାଣୀ ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ବ୍ଲକସ୍ତରୀୟ ଦୁଇଦିବସୀୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୀଳଗିରି, ୦୩/୧୨ (ନି.ପ୍ର): ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୪-୨୫ ଅବସରରେ ନୀଳଗିରି ବ୍ଲକ ସ୍ତରୀୟ ଦୁଇଦିବସୀୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଜନାଗଡ ଆଞ୍ଚଳିକ ସାଧନକେନ୍ଦ୍ର ଅଧିନ ସଜନାଗଡ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରିଣୀ ଶ୍ରୀମତୀ ସ୍ନିଗ୍ଧାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କ ଶାରୀରିକ, ମାନସିକ ବିକାଶ ଉପରେ ଗୁରୁତ୍ୱଦେବା ସହିତ ବିଭିନ୍ନ କ୍ରୀଡା, ନୃତ୍ୟଓ ଗୀତରେ ଭାଗ ନେଇଥିବା ଭିନ୍ନକ୍ଷମଙ୍କୁ ଉପଢୌକନ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ନୀଳଗିରି ବ୍ଲକ ଏବିଓ/ବିଆରସିସି ଶ୍ରୀଯୁକ୍ତ ମିହିର




କୁମାର ଦାସ ଏଥିରେ ସଭାପତିତ୍ୱ କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି କୁଞ୍ଜବିହାରୀ ବେହେରା ମଞ୍ଚ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଓ ଲମ୍ବୋଧର ସିଂ, ଶାନ୍ତିଲତା ମହାନ୍ତି ମଞ୍ଚାସୀନା ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ଏକ ସୁସଜ୍ଜିତ ଲାଇନରେ ସଜନାଗଡ ପ୍ରାଥମିକ ବିଦ୍ୟାଳୟରୁ ବାହାରି ନୀଳଗିରି ବଜାର ପର୍ଯ୍ୟନ୍ତ ଆସି ସଚେତନତାର ବାର୍ତ୍ତା ଦେଇଥିଲେ । ଆରଟି ରଣଜିତ ପରିଡ଼ା ଓ କନକଲତା ବେହେରା ଖେଳ ପରିଚାଳନା କରିଥିଲେ । ନିମନ୍ତ୍ରିତ ଅତିଥିମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ନିଜନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିବା ସହିତ ଉତ୍ତୋରୋତ୍ତର ଉନ୍ନତି କାମନା କରିଥିଲେ । ସମସ୍ତ ସିଆରସିସି ଓ ଆଇ.ଇ.ଭି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ




ଭଦ୍ରକ, ୦୩/୧୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୟ ବିଣାପାଣୀ ହେଲନ୍ କେଲର ଅନ୍ଧ ମୁକ ଏବଂ ବଧିର ବାଳିକା ବିଦ୍ୟାଳୟ ଲାଙ୍ଗୁଡ଼ି ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ଆଇନ୍‌ସେବା ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ବିଦ୍ୟାଳର ଦିବ୍ୟାଙ୍ଗ ଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭା ବିକାଶର ଯଥେଷ୍ଟ ସମ୍ଭାବନା ରହିଛି । ସେମାନେ ଦିବ୍ୟାଙ୍ଗ ହୋଇ ମଧ୍ୟ ବିଦ୍ୟା, ନାଚ, ଗୀତ, ଚିତ୍ରାଙ୍କନ ଇତ୍ୟାଦି କ୍ଷେତ୍ରରେ ବେଶ୍ ପାରଦର୍ଶିତା ହାସଲ କରିପାରିଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ସେମାନଙ୍କର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହେବ ଏବଂ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ଦିବ୍ୟାଙ୍ଗମାନଙ୍କର ଉଦାହାରଣ ପ୍ରଦାନ କରିଥିଲେ।

## ଶିମଲାର ରାମପୁରରେ ନଦୀକୁ ଖସିଲା କାର, ୩ ମୃତ

ଶିମଲା, ୦୩/୧୨ (ନି.ପ୍ର): ଶିମଲା ଜିଲ୍ଲାର ରାମପୁର ଅଂଚଳରେ ଭୟାବହ ସଡକ ଦୁର୍ଘଟଣା ଘଟିଛି । ଏଠାରେ ଏକ କାର ଭାରସାମ୍ୟ ହରାଇ ମଚ୍ଛାଡ ନଦୀ ଭିତରକୁ ଖସିପଡିଛି । ଦୁର୍ଘଟଣାରେ ୩ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଦମ୍ପତି ଅଛନ୍ତି । ସୋମବାର ବିଳମ୍ବିତ ସନ୍ଧ୍ୟାରେ ଭଦ୍ରାଠ ନିକଟରେ ଏହି ଦୁର୍ଘଟଣା ଘଟିଛି, ଯେତେବେଳେ କାରରେ ୪ଜଣ ଲୋକ ରାମପୁରରୁ ନନଖଡି ସ୍ଥିତ ତାଙ୍କ ଗାଁକୁ ଯାଉଥିଲେ । ହଠାତ୍ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସମସ୍ତେ ନନଖଡି ତହସିଲର ବଜେଟଲି ଗାଁର ବାସିନ୍ଦା ।

# ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ବେତନଟୀ, ୦୩/୧୨ (ନି.ପ୍ର): ବେତନଟୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ସଠିଲୋ ସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଡିସେମ୍ବର ୩ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ବେତନଟୀ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ବିଜୟ କୁମାର ପରିଡା ଓ ଭରତ ଚନ୍ଦ୍ର କାଣ୍ଡିଙ୍କ ସଂଯୋଜନା ଓ ପରିଚାଳନାରେ ଅୟୋଜିତ କାର୍ଯ୍ୟକ୍ରମକୁ ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଦ୍ୱାରା ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ସନ୍ଦର୍ଭରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ




ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ମ୍ୟୁଜିକ୍ ଚେଆର, ଜିଲାପି ଦୌଡ଼ ସମେତ ବିଭିନ୍ନ ପ୍ରକାରର ଖେଳକୁଦ କରାଯାଇଥିଲା। ତେବେ ଦିନତମାମ୍ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଖେଳକୁଦ, ନାଚଗୀତ ସମେତ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମଉଜ ମଜଲିସରେ ବିତାଇଥିବା ବେଳେ ସେମାନଙ୍କ ଭିତରେ ମନବଳ ସାଙ୍ଗକୁ ସୃଜନଶକ୍ତିର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ସଠିଲୋ ଗ୍ରାପ ପଞ୍ଚାୟତ ସମିତି ସଭ୍ୟ କିଶୋର କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ମହାନ୍ତ ପ୍ରମୁଖ ଅତିଥି ଅଧିକାରୀଗଣ କୃତି ଛାତ୍ରଛାତ୍ରୀମାନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପରିଚାଳନାରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସୁଭଦ୍ରାମଣୀ ଜେନା, ସାରଥି ମହାନ୍ତ, ମୃତ୍ୟୁଞ୍ଜୟ ସାହୁ, ଶିକ୍ଷକ ଜୟଚନ୍ଦ୍ର ଦାସ, ବୈରାଗୀ ମହାନ୍ତ,କମଳାକାନ୍ତ ସିଂ,ତଥ୍ୟ ତଥା ଯୋଜନା ସଂଯୋଜକ ଅଚ୍ୟୁତାନନ୍ଦ ଦାସ ଏବଂ ସଠିଲୋ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ପଣ୍ଡିତଙ୍କ ସହ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଅଧିପ ଦାସଙ୍କ ହୃଦ୍‌ଘାତରେ ପରଲୋକ

ବାଲେଶ୍ୱର, ୦୩/୧୨ (ନି.ପ୍ର): ଓଡ଼ିଶା ଅଲିମ୍ପିକ ସଂଘ କୋଷାଧକ୍ଷ, ଓଡ଼ିଶା କ୍ରିକେଟ ସଂଘ ଉପସଭାପତି, ଓଡ଼ିଶା ଏଥେଲଟିକ ସଂଘ କୋଷାଧକ୍ଷ, ଭାରତୀୟ ଅଲିମ୍ପିକ ସଂଘ କାର୍ଯ୍ୟକାରୀ ସଭ୍ୟ, ଭାରତୀୟ ଅଥଲେଟିକ ଫେଡରେସନ ଯୁଗ୍ମ ସଂପାଦକ ଭାବେ ଶ୍ରୀ ଅଧିପ ଦାସ କାର୍ଯ୍ୟରତ ରହି ସମଗ୍ର ବାଲେଶ୍ୱର ତଥା ଓଡ଼ିଶାର ଜଣେ ଦକ୍ଷ କ୍ରୀଡ଼ା ପ୍ରଶାସକ ଭାବେ ପରିଗଣିତ। ଦୀର୍ଘଦିନ ଧରି ୧୯୭୮ମସିହା ଠାରୁ ବାଲେଶ୍ୱର ଜିଲ୍ଲା କ୍ରୀଡା ସଂଘର ସଂପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିବା ସହ ମଝିରେ ୩ବର୍ଷ ପାଇଁ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଓଡ଼ିଶା କ୍ରିକେଟ୍ ସଂଘ ସଂପାଦକ ଶ୍ରୀ ସଞ୍ଜୟ ବେହେରା,ଓଡ଼ିଶା ଅଲିମ୍ପିକ ସଂଘ ସଂପାଦକ ଅଭିଜିତ ପାଲ, ଓଡ଼ିଶା କ୍ରିକେଟ ସଂଘ ସଦସ୍ୟ ତଥା ଭଦ୍ରକ ଏଥଲେଟିକ୍ ସଂଘ ସଂପାଦକ,ଶ୍ରୀ ଧିରେନ୍ ପଳାଇଙ୍କ ସମେତ ବିଭିନ୍ନ କ୍ରୀଡା ସଂଘ



ତଥା ଅନୁଷ୍ଠାନ ମାନଂକର ବରିଷ୍ଠ ସଦସ୍ୟ ମାନେ ଯୋଗଦେଇଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ଏବଂ ଅନ୍ୟାନ କ୍ରୀଡା ସଂଘ ପକ୍ଷରୁ ବାରବାଟି ଷ୍ଟାଡିୟମ୍, ଭଦ୍ରକ ତଥା ବାଲେଶ୍ୱର ଷ୍ଟାଡିୟମ୍ ଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିବାବେଳେ ନିଜ ପୈତୃକ ଗ୍ରାମ ସୁନହଟର ନିଜସ୍ୱ ମହୁଲ ପଡିଆ ଶ୍ମଶାନ ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥଲା। ପ୍ରକାଶ ଥାଇକି ବାଲେଶ୍ୱର ଜିଲ୍ଲାର ଜଣେ ସମ୍ଭ୍ରାନ୍ତ ପରିବାରରୁ ନିଜର ଚତ୍ର ଜୀବନରେ ବିଭିନ୍ନ ପାରଦର୍ଶିତା ଲାଭ କରିବା ସହ ପ୍ରଥମେ ବିଜୁ ବାବୁଙ୍କର ଏକାନ୍ତ ଅନୁଗାମୀ ହେବା ସହ କ୍ରୀଡା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ।

## ବିହାରର ମୁଜାଫରପୁରରେ ସଡକ ଦୁର୍ଘଟଣାରେ ୩ ମୃତ

ପାଟଣା, ୦୩/୧୨: ବିହାରର ମୁଜାଫରପୁର ଜିଲ୍ଲାର ସାହେବଗଂଜ ଥାନା ଅନ୍ତର୍ଗତ ଦରିୟା ଛପରା ଶିବ ମନ୍ଦିର ନିକଟରେ ସୋମବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି । ପୋଲିସ ସୂଚନା ମୁତାବକ କାଂଟି ଥାନା ଅଂଚଳର ଦୁଇଜଣ ବ୍ୟକ୍ତି ଏକ କାରରେ ବସି ଭୋଜି ଖାଇ ଫେରୁଥିଲେ । ଏହି ସମୟରେ ପଛପୁଟୁ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣଶରେ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଏହାପରେ ଦୁଇଜଣ ବ୍ୟକ୍ତି ଚାଲିଚାଲି ଯାଉଥିବା ବେଳେ ଦ୍ରୁତିଗତିରେ ଥିବା ଗାଡିଟି ସେମାନଙ୍କ ଉପରକୁ ମାଡିଯାଇଥିଲା । ଘଟଣାସ୍ଥଳରେ ଆଉଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଏସକେଏମସିଏଚ ରେଫର କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ଆଦର୍ଶ ଶିକ୍ଷାକେନ୍ଦ୍ରର ୩୨ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ନୀଳଗିରି, ୦୩/୧୨ (ନି.ପ୍ର): ନୀଳଗିରି ବ୍ଲକ ରାଜବରହମପୁର ସ୍ଥିତ ଆଦର୍ଶ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ବରହମପୁର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କୁଞ୍ଜଲତା ସାହୁ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ରବି ନାରାୟଣ ଚୌଧୁରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ବଢାଇଥିଲେ। ବାଳକ ଓ ବାଳିକାଦଳର ୨୫ମିଟର, ୫୦ମିଟର, ୧୦୦ମିଟର, ୨୦୦ମିଟର ଦୌଡ଼,ଲମ୍ବ ଡିଆଁ,ଉଚ୍ଚ ଡିଆଁ, ଗଣିତ ଦୌଡ, ଜିଲାପି ଦୌଡ, ଅଖା ଡିଆଁ, ଆଳୁ ଚାମଚ, ମ୍ୟୁଜିକ ଚେୟାର ଆଦି ଖେଳ ଗୁଡିକରେ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟତ୍ରୀ ସୁମତି ମଣି ଦାସ, ସୁଭଦ୍ରା ରାଉତ, ଜୟଶ୍ରୀ ପଣ୍ଡା, ଦେବୀଦୁତି କର, ଜୟଶ୍ରୀ ପଲେଇ, ରାନୁବାଳା ସାହୁ , ସୁବାସିନୀ ଭୋଇ, ରାଇମଣି ମାରାଣ୍ଡି, ରଞ୍ଜିତା ବେହେରା, ସୁମନ୍ତ ମହୁରିଆ ପ୍ରମୁଖ କ୍ରୀଡା ସଞ୍ଚାଳନ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo